ବର୍ଷ-୨୫, ସଂଖ୍ୟା-୯୨
ଭୁବନେଶ୍ୱର
୦୪, ଏପ୍ରିଲ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 92
Bhubaneswar
04 April, 2025, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଗୁଆ ସରିଲା ବଜେଟ୍ ଅଧିବେଶନ

ରାତି ସାରା ଚାଲିଲା ବିଧାନସଭା

ଦୁଇ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍

ଭୁବନେଶ୍ୱର,୩।୪(ମହାଭାରତ): ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆଜି ଏକ ଐତିହାସିକ ମୋଡ଼ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି । ବଜେଟ ଅଧିବେଶନ ଆଜି ସକାଳେ ସମାପ୍ତ ହୋଇଛି। ବାଚସ୍ପତି ସୁରମା ପାଢୀ ତିନୋଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭାକୁ ମୁଲତବୀ ଘୋଷଣା କରିଛନ୍ତି । ବିଜେପି ସରକାରଙ୍କ ଦ୍ୱିତୀୟ ବଜେଟ୍ ଅଧିବେଶନ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା ବିଧାନସଭା ଇତିହାସରେ ଏକ ଚର୍ଚ୍ଚିତ ଅଧିବେଶନ ପାଲଟିଛି । ଗୃହ ମୁଲତବୀ ହେବାପର୍ଯ୍ୟନ୍ତ ଅନ୍ୟତମ ବିରୋଧୀ ଦଳ କଂଗ୍ରେସର ସମସ୍ତ ସଦସ୍ୟଙ୍କ ନିଲମ୍ବନ, ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତି ଓ ବାଚସ୍ପତିଙ୍କ କଡ଼ା ଅଭିମୁଖ୍ୟ ଏବଂ ବିଶେଷକରି ରାତିତମାମ ଗୃହକୁ ଚଳାଇ ୨ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରିବାରେ ମୋହନ ମାଝୀ ସରକାରଙ୍କ ରଣନୀତି ସଫଳ ହୋଇଛି । ଫେବୃୟାରୀ ୧୩ରୁ ଆରମ୍ଭ ହୋଇଥିବା ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ବଜେଟ୍ ଅଧିବେଶନ ନିର୍ଦ୍ଧାରିତ ୨୮ ଦିନ ପରିବର୍ତ୍ତେ ୩ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି । ଚଳିତ ଅଧିବେଶନରେ ଗୃହରେ ହଙ୍ଗାମା ବିରୋଧୀ କଂଗ୍ରେସକୁ ମହଙ୍ଗା ପଡ଼ିଛି । ଆଉ କଂଗ୍ରେସ ଉପରେ କାର୍ଯ୍ୟାନୁଷ୍ଠାନ ପରେ ପ୍ରମୁଖ ବିରୋଧୀ ଦଳ ବିଜେଡି ମଧ୍ୟ ଅପ୍ରତ୍ୟାଶିତ ନିଜର ରଣନୀତି ବଦଳାଇ ଗୃହ ପରିଚାଳନାରେ ସରକାରଙ୍କୁ ସହଯୋଗ ଦେବାକୁ ଏକରକମ ବାଧ୍ୟ ହୋଇଥିଲା । ଶାସକ ବିଜେପି ନିଜର ଅଧିକାଂଶ ନବାଗତ ବିଧାୟକ ଏପରିକି ନବାଗତ ମନ୍ତ୍ରୀଙ୍କୁ ଧରି ସଫଳତାର ସହ ଗୃହ ପରିଚାଳନା କରିଥିବାବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତି ଓ ଗୃହରେ ବିଜେଡି ବିଧାୟକମାନଙ୍କ ଦିଶାହୀନ ରଣନୀତି ପରୋକ୍ଷରେ ସରକାରୀ ଦଳକୁ ସୁହାଇଥିବା ଚର୍ଚ୍ଚା ହେଉଛି ।

ଚଳିତ ଅଧିବେଶନରେ ୨୮ ଟି କାର୍ଯ୍ୟ ଦିବସ ମଧ୍ୟରୁ ୨୫ ଟି କାର୍ଯ୍ୟ

ଦିବସ ଚାଲିଥିଲା । ଆଗକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବା ରୁ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ଲାଗି ପ୍ରସ୍ତାବ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ । ସମର୍ଥନ କଲେ ଶାସକ ଦଳ ବିଧାୟକ ରୂପ ଭତ୍ରା, ଶତ୍ରୁଘ୍ନ ଜେନା । ଏହା ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କଲେ ବାଚସ୍ପତି । ଏହି ଅଧିବେଶନରେ ବବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ ୨୦୨୫ ବିଧାନସଭାରେ ପାରିତ ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ର ବଜେଟ ଗୃହରେ ପାରିତ ହୋଇଥିଲା ।

ବେଶ ଘଟଣା ବହୁଳ ଥିଲା ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ।ପ୍ରଥମ ଥର ପାଇଁ ବିଧାନସଭା ଇତିହାସରେ ଗୃହ ରୁ ନିଲମ୍ବିତ ହୋଇଥିଲେ କଂଗ୍ରେସ ଦଳର ସମସ୍ତ ବିଧାୟକ । ଏହା ସହ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ ଆଲୋଚନା ବେଳେ ରାତି ତମାମ ଚାଲିଥିଲା ବିଧାନସଭା । ବୁଧବାର ସକାଳ ୧୦.୩୦ ମିନିଟ ରେ ଆରମ୍ଭ ହୋଇ ଗୃହ ଗୁରୁବାର ସକାଳ ୭ ଟା ୫ ମିନିଟ ପର୍ଯ୍ୟନ୍ତ ଚାଲିଥିଲା ।

ଦୀର୍ଘ ପ୍ରାୟ ୨ଦଶନ୍ଧି ପରେ ବିଧାନସଭାର ଅଧିବେଶନ ରାତିତମାମ ଚାଲିଥିଲା । ଶେଷ ଦିନରେ ମାରାଥନ୍ ବିତର୍କ ପରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଭୋର ୪ଟା ୨୯ମିନିଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ଓ ସକାଳ ୬ଟା ୨୫ମିନିଟରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ-୨୦୨୫ ଗୃହୀତ ହୋଇଛି । ଏପ୍ରିଲ ୨ତାରିଖରେ ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ପ୍ରାୟ ଗୃହରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ମାରାଥନ୍ ଆଲୋଚନା ଆରମ୍ଭ ହୋଇଥିଲା । ବିଜେଡି ବିଧାୟକ ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗଣେଶ୍ୱର ବେହେରାଙ୍କ ଭଳି ଅଭିଜ୍ଞ ବିଧାୟକ ତଥା ପୂର୍ବତନ ମନ୍ତ୍ରୀମାନଙ୍କ ଦ୍ୱାରା ବିଲକୁ ବିରୋଧ କରି ବଳିଷ୍ଠ ଯୁକ୍ତି ଉପସ୍ଥାପନ ସତ୍ତ୍ୱେ ନବାଗତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ବେଶ୍ ଦକ୍ଷତାର ସହ ସାମ୍ନା କରି ବିରୋଧୀଙ୍କ ଅଧିକାଂଶ ଅଭିଯୋଗ ଉପରେ ଜବାବ ରଖିଥିଲେ । ଏହି ବିଲ୍ ଆଲୋଚନାରେ ବିଜେଡି ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସର୍ବାଧିକ ୩ଘଣ୍ଟା ୧୦ମିନିଟ୍ ଓ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦେଢ଼ ଘଣ୍ଟାରୁ ଅଧିକ ଓ ଗଣେଶ୍ୱର ବେହେରା ପ୍ରାୟ ଏକ ଘଣ୍ଟା ଧରି ନିଜର ଯୁକ୍ତି ଉପସ୍ଥାପନ କରିଥିବାବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରାୟ ଏକ ଘଣ୍ଟା ଧରି ସେମାନଙ୍କ ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇଥିଲେ । ଶେଷ ଯାଏଁ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ. । ତେବେ ଗୃହରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନୁପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଦୁଇ ମହିଳା ବିଧାୟିକା ଉପାସନା ମହାପାତ୍ର ଏବଂ ସଞ୍ଜଳି ମୁର୍ମୁ ମଧ୍ୟ ଶେଷ ଯାଏଁ ଉପସ୍ଥିତ ଥିଲେ । ପ୍ରାୟ ସାଢ଼େ ୧୨ଘଣ୍ଟା ଧରି ବିତର୍କ ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪ ପାରିତ ହୋଇଥିଲା ।

ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ବିଧାନସଭାରେ ପାରିତ ହୋଇଛି । ବିଶ୍ୱ ବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହେବା ପରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ଉପରେ ଆଲୋଚନା କରାଯାଇ ଆଜି ସକାଳେ ଏହି ବିଲ ବିଧାନସଭାରେ ପାରିତ କରାଯାଇଛି । ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ବିଲ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବିଧାନସଭାରେ ବିଲ ଉପରେ ବିବୃତି ଦେଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ. ଜାତୀୟ ରାଜପଥ ପ୍ରାଧିକରଣ ପରି ରାଜ୍ୟ ରାଜପଥ ପ୍ରାଧିକରଣ କାମ କରିବ । ଓଡିଶାର ଦୃଷ୍ଟିକୋଣ ୨୦୩୬ ଅନୁଯାୟୀ ସଂପୂର୍ଣ୍ଣ ରାଜ୍ୟକୁ ଏକ ଅର୍ଥନୈତିକ ପାୱରହାଉସ୍ ଭାବେ ପରିଣତ କରିବାକୁ ଅଦ୍ଭୁତ ଉନ୍ନତି, ସୁଚାରିତ ସଂଯୋଗ ଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଉଛି । ଏହି ସଫଳତାରେ ମୁଖ୍ୟ ଅଂଶ ଲଜିଷ୍ଟିକ୍ସ କ୍ଷମତାକୁ ସୁଚାରିବା ସରକାରଙ୍କ ଲକ୍ଷ । ରାଜ୍ୟର ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଜରୁରୀ ।

କେଦାରନାଥ ଯାତ୍ରା ପୂର୍ବରୁ ୧୨ ଘୋଡ଼ା ସଂକ୍ରମିତ

ଡେରାଡୁନ,୩।୪: କେଦାରନାଥ ଯାତ୍ରା ପୂର୍ବରୁ ସଂକ୍ରମିତ ହେଲେ ଘୋଡ଼ା। ଦେବଭୂମି କୁହାଯାଉଥିବା ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ କେଦାରନାଥଧାମ ଯାତ୍ରା ପୂର୍ବରୁ ୧୨ଟି ଖଚ୍ଚର (ଘୋଡ଼ା) ଠାରେ ୩୮ ଇନଫ୍ଲୁଏଞ୍ଜା ଭାଇରସ୍ ମିଳିଛି । ତେବେ ଏହି ଭୂତାଣୁର ସୂଚନା ସେତେବେଳେ ଜଣାପଡିଲା ଯେତେବେଳେ ଖଚ୍ଚରଙ୍କୁ ମେଡିକାଲ୍ ଯାଞ୍ଚ ପାଇଁ ନିଆଗଲା। ଡାକ୍ତରୀ ପରୀକ୍ଷା ପାଇଁ ୩୦୦ ଖଚ୍ଚରଙ୍କ ନମୂନା ନିଆଯାଇଥିଲା। ମାତ୍ର ଘୋଡାଙ୍କ ଦେହରେ ଭୂତାଣୁର ଖବର ମିଳିବା ପରେ ଏବେ ଖଚ୍ଚରଙ୍କୁ କ୍ୱାରେଣ୍ଟିନରେ ରଖାଯାଇଛି ।ଭୂତାଣୁ ଯେମିତି ଆଗକୁ ନ ବ୍ୟାପିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ଏହି ସ୍ଥିତି ଉପରେ ନଜର ରଖିଛି ।

ରାଜଧାନୀରେ ଡବଲ୍ ଏନକାଉଣ୍ଟର

ଭୁବନେଶ୍ୱର,୩।୪(ମହାଭାରତ): ଭୁବନେଶ୍ୱରରେ ଡବଲ ଏନକାଉଣ୍ଟର କରିଛି କମିଶନରେଟ୍ ପୋଲିସ। ସ୍ଥାନୀୟ ବଡ଼ଗଡ଼ ଅଞ୍ଚଳରେ ଦୁଇ କୁଖ୍ୟାତ ଚେନ୍ ଲୁଟେରାଙ୍କୁ ଏନକାଉଣ୍ଟର କରାଯାଇଛି । ଲୁଟେରାଦ୍ୱୟ ହେଲେ ସୋନୁ ଯାଦବ ଓ ମନୀଷ ଯାଦବ। ସେମାନଙ୍କ ଘର ବିହାରରେ ହୋଇଥିବା ସୂଚନା। ସମ୍ପୃକ୍ତ ୨ ଜଣଙ୍କୁ ଧରିବାକୁ ଦୀର୍ଘଦିନ ହେବ ଯୋଜନା କରୁଥିଲା ପୋଲିସ। ଗୁଇନ୍ଦା ସୂଚନାକୁ ଆଧାର କରି ଜାଲ ବିଛାଇଥିଲା ପୋଲିସ। ଗିରଫ ଉଦ୍ୟମ ବେଳେ ପାଲଟା ଗୁଳି ଚଳାଇଥିଲେ ଲୁଟେରା ଜବାବରେ ଗୁଳି ଚାଳନା କରିଥିଲା। ସ୍ପେଶାଲ ସ୍କାର୍ଡ ଉଭୟ ଲୁଟେରାଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି ।

ରାଜା ଚକ୍ରର ଲିଙ୍କ୍ ଉପରେ ଚଢାଉ

ଭୁବନେଶ୍ୱର,୩।୪(ମହାଭାରତ): ଗିରଫ ହେବା ପରେ ରାଜା ଚକ୍ରଙ୍କୁ ସମସ୍ୟା ଛାଡୁନି। କେନ୍ଦୁଝର କୋଇଡ଼ା ମାଇନ୍ସ ଉପରେ ଚଢ଼ାଉ କରାଯାଉଛି । କ୍ରାଇମବ୍ରାଞ୍ଚ, ଏସଟିଏଫ, ଇଓଡବ୍ଲୁର ମିଳିତ ଚଢ଼ାଉ କରାଯାଇଛି । ଚଢ଼ାଉ ପରେ ୩ଟି ଦାମୀ ଗାଡ଼ି ଜବତ କରାଯାଇଛି ।ଏଥିସହ ବ୍ୟାପକ ହେରଫେର ନେଇ ଡକ୍ୟୁମେଣ୍ଟ ମଧ୍ୟ ଜବତ କରାଯାଇଛି। ସେପଟେ ଜାମିନ୍ ଆବେଦନ ଉପରେ ଶୁଣାଣି ନେଇ ଆଜି ରାଜା ଚକ୍ରଙ୍କୁ ବାଲେଶ୍ୱର ଓଏଆଇଡି କୋର୍ଟରେ ହାଜର କରାଯାଇଛି । ଆସନ୍ତା ୫ତାରିଖରେ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣୀ ହେବ। ଗନ୍ଧମାର୍ଦ୍ଦନ ଲେଡିଙ୍ଗ ଏଜେନ୍ସିରେ ଟଙ୍କା ହେରଫେର ଘଟଣାରେ ଗିରଫ ରାଜା ଚକ୍ରଙ୍କୁ ନେଇ ପୂର୍ବରୁ ଜେରା କରିଥିଲା କ୍ରାଇମବ୍ରାଞ୍ଚ ଓ ଇଓଡବ୍ଲୁ ।

ଆଗାମୀ ଦିନରେ ମାନୁଫାକ୍‌ଚରିଂ ହବ୍ ହେବ ଓଡ଼ିଶା

ଖୋର୍ଦ୍ଧା,୩।୪(ମହାଭାରତ): ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ଏମଓୟୁ ସ୍ୱାକ୍ଷରିତ ହୋଇଛି, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି । ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ। ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦା ଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ । ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା । ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି । ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆଜି ଯେଉଁ ପ୍ରକଳ୍ପ ଗୁଡ଼ିକ ଆରମ୍ଭ ହେଉଛି ସେ ଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ । ଏଥିରେ ପୋଷାକ ପ୍ରସ୍ତୁତି, ପ୍ୟାକେଜିଙ୍ଗ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ରହିଛି । ଏ ଗୁଡ଼ିକ ପାରମ୍ପରିକ ଫାକ୍ଟ୍ରି ନୁହେଁ । ଏ ଗୁଡ଼ିକ ଆଧୁନିକ ଅର୍ଥନୀତିର ବାର୍ତ୍ତାବହ । ଓଡ଼ିଶାରେ ଆଜି ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି ତା'ର

କାରଣ ହେଉଛି ଡବଲ ଇଞ୍ଜିନ ସରକାରର ସୁବିଧା ଓ ଇଜ୍ ଅଫ୍ ଡୁଇଂ ବିଜନେସ୍ ପାଇଁ ଅନୁକୂଳ ବାତାବରଣ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ । ଶିଳ୍ପଦ୍ୟୋଗୀମାନଙ୍କୁ ନିୟମ ଅନୁଯାୟୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ଓ ପରମିସନ୍ ସୁବିଧାରେ ପ୍ରଦାନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆଜି କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ଆଦୃତି ଫଳରେ କୃଷିକାର୍ଯ୍ୟରେ ମାନବୀୟ ଶ୍ରମର ଚାହିଦା କମି କମି ଯାଉଛି । ତେଣୁ ଅଧିକରୁ ଅଧିକ ଯୁବଶକ୍ତିକୁ ଶିଳ୍ପ ଓ ସେବାନ୍ତିକ ଅର୍ଥନୀତି ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ । ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରି ଗଢ଼ି ତୋଳିବାକୁ ପଡ଼ିବ । ଯୁବବର୍ଗଙ୍କୁ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ପି.ଏମ୍. ଇଂଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରୁ ଆମ ରାଜ୍ୟର ଯୁବଗୋଷ୍ଠୀ ଲାଭ ପାଇବା ସହିତ ଏହି ଯୋଜନାରେ ରାଜ୍ୟ ସରକାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି । ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଯେତେବେଳେ ଶିଳ୍ପ ବିପ୍ଳବ ଆସିଥିବ, ସେତେବେଳେ ଆମ ରାଜ୍ୟର ଯୁବଗୋଷ୍ଠୀ ଇଣ୍ଡଷ୍ଟ୍ରି ପ୍ରସ୍ତୁତ ଥିବେ ।

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ । ସେମାନଙ୍କ ଦକ୍ଷତା ବିକାଶ ପାଇଁ ସି.ଏମ୍.ଆସ୍ପାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍‌ନିକ ଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି । ୱାର୍ଲ୍ଡ ସ୍କିଲ ସେଣ୍ଟରରେ ସେମି କଣ୍ଡକ୍ଟର ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ । ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ସୁଦକ୍ଷା ଯୋଜନା ଓ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନାନୋ ୟୁନିକର୍ଣ୍ଣ ଯୋଜନା ଯୁବବର୍ଗଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

ଉତ୍କର୍ଷ ଓଡ଼ିଶା ମେକ-ଇନ ଓଡ଼ିଶା କନକ୍ଲେଭ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି । ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା । ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି ।

ବିନା ଭିତ୍ତିଭୂମିରେ ଶିଳ୍ପ ବିକାଶର ପରିକଳ୍ପନା କରାଯାଇପାରିବ ନାହିଁ । ସେଥିପାଇଁ ରାଜ୍ୟ ସରକାର ନୂତନ ସଡ଼କ ନୀତି ପ୍ରସ୍ତୁତ କରିବା ସହିତ ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରିବା ପାଇଁ ଯାଉଛନ୍ତି । ଓଡ଼ିଶା ରାଜପଥ ପ୍ରାଧିକରଣ ବିଲ୍ ବିଧାନସଭାରେ ପାରିତ ହୋଇଛି । ଖୁବ୍ ଶୀଘ୍ର ଗଠନ ହେବ । ଶିଳ୍ପାୟନର ସୁବିଧା ପାଇଁ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଆମର ଲକ୍ଷ୍ୟ ରହିଛି । ଆଜି ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ ପ୍ଲାଂଟରେ ବହୁସଂଖ୍ୟକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଓଡ଼ିଶାକୁ ଦେଶର ଏକ ମାନୁଫାକଚରିଙ୍ଗ ହବ୍ କରିବାକୁ ଯାଉଛୁ । ଆପଣମାନେ ଆଉ ବାହାରକୁ ନ ଯାଇ ଏଠାରେ ସମସ୍ତେ ନିଯୁକ୍ତି ପାଇବେ । କେବଳ ନିଯୁକ୍ତି ନୁହେଁ, ଆପଣମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆମେ ବିଭିନ୍ନ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ ।

୪୦ ଇ-ବସ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୩।୪ (ମହାଭାରତ) : 'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍। ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକର ଏସସିବି ମେଡିକାଲକୁ ଆମ ବସ୍ ଗଡ଼ିବ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆ ରୁଟ୍। ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର। ଏହି ରୁଟ୍ ସମେତ ଅନ୍ୟ ନୂଆ। ରୁଟରେ ମଧ୍ୟ ଇ-ବସ୍ ଚାଲିବ। ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ। ଇ-ବସର ଉଦଘାଟନ କରିଛନ

ମିଠା ମକା ପକେଡା

ଆବଶ୍ୟକ ସାମଗ୍ରୀ: *ମିଠା ମକା ୧କପ,ସିଝା ଆଳୁ ୨ଟି,ଚିନାବାଦାମ ୨ଚାମଚ,ବେସନ ଅଧକପ,କଞ୍ଚା ଲଙ୍କା ଅଧଚାମଚ,ଅଦା ୧ଚାମଚ, ଲେମ୍ବୁ ରସ ୧ଚାମଚ, କଟା ଧନିଆ ପତ୍ର ଅଧକପ,ଆବଶ୍ୟକ ଅନୁଯାୟୀ ଲୁଣ ଓ ରିଫାଇନ ତେଲ ।*

ପ୍ରସ୍ତୁତି ପ୍ରଣାଳୀ: *ପ୍ରଥମେ ମିଠା ମକାରେ ଅଳ୍ପ ପାଣି ଦେଇ ସିଝାଇ ଦିଅନ୍ତୁ । ଏହା ପରେ ସିଝା ଆଳୁ ଭଲ ଭାବେ ଚକଟି ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ସିଝା ହୋଇଥିବା ମିଠା ମକା, ଆଳୁ ଚକଟା,ଚିନାବାଦାମ,ବେସନ,କଞ୍ଚାଲଙ୍କା,ଅଦା, ଲେମ୍ବୁରସ, ଧନିଆ ପତ୍ର ଏବଂ ସ୍ୱାଦ ଅନୁଯାୟୀ ଲୁଣକୁ ନେଇ ମିଶ୍ରଣ ପସ୍ତୁତ କରନ୍ତୁ । ଯଦି ଆବଶ୍ୟକ ପଡ଼େ ଅଳ୍ପ ପାଣି ମଧ୍ୟ ମିଶାଇ ପାରିବେ । ଏହା ପରେ ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା କରନ୍ତୁ । ଏବେ କରେଇରେ ତେଲ ଗରମ କରି ଗୁଳା ଗୁଡ଼ିକୁ ପକାଇ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ସ୍ୱାଦିଷ୍ଟ ମିଠା ମକା ପକୋଡ଼ି । ଏହାକୁ ଆପଣ ଯେକୌଣସି ସସ କିମ୍ବା ଚଟଣୀ ସହିତ ପରଶି ପାରିବେ ।*

ଖବର

ଛାଡ଼ପତ୍ରର ୩ବର୍ଷ ପରେ କାରଣ ଜଣାଇଲେ ଅଭିନେତ୍ରୀ ବରଖା

୧୪ବର୍ଷର ବିବାହ ପରେ ଅଭିନେତ୍ରୀ ବରଖା ବିଷ୍ଟ ଏବଂ ଅଭିନେତା ଇନ୍ଦ୍ରନୀଲ ସେନଗୁପ୍ତା ୨୦୨୨ରେ ଅଲଗା ହୋଇଥିଲେ । ଚର୍ଚ୍ଚା ହୋଇଥିଲା ଯେ, ଇନ୍ଦ୍ରନୀଲ, ବେଙ୍ଗଲୀ ଅଭିନେତ୍ରୀ ଇଶା ଶାହଙ୍କ ସହ ପ୍ରେମ ସମ୍ପର୍କ ରଖିଥିବାରୁ ବରଖାଙ୍କୁ ଛାଡ଼ପତ୍ର ଦେଇଥିଲେ । ସେ ସମୟରେ ଦୁହେଁ କେଣସି ପ୍ରତିକ୍ରିୟା ଦେଇନଥିବା ବେଳେ ଏବେ ତିନି ବର୍ଷ ପରେ, ବରଖା ଛାଡ଼ପତ୍ରର କାରଣ ଜଣାଇଛନ୍ତି । ସେ କହିଛନ୍ତି ଯେ, ମୁଁ ବିବାହକୁ ବଞ୍ଚାଇବାକୁ ଚାହୁଁଥିଲି, ହେଲେ ଇନ୍ଦ୍ରନୀଲ ଚାହୁନଥିଲେ । ସେ ଛାଡ଼ପତ୍ର ପାଇଁ ନିଷ୍ପତ୍ତି ନେଇଥିଲେ । ତାଙ୍କ କହିବା ମୁତାବକ, ଛାଡ଼ପତ୍ର ନେବା ଇନ୍ଦ୍ରନୀଲଙ୍କ ନିଷ୍ପତ୍ତି ଥିଲା । ଯଦି ଏହା ମୋ ହାତରେ ଥାଆନ୍ତା, ତେବେ ମୁଁ ଏବେ ବି ବିବାହିତ ଥାନ୍ତି । ଆମର ଏକ ଭଲ ବୈବାହିକ ଜୀବନ ଥିଲା । ହେଲେ ସମୟ ସହ ସବୁ ବଦଳିଗଲା । ବିଶ୍ୱାସଘାତ, ପ୍ରତାରଣା, ପ୍ରେମ କମ ହୋଇଯିବା, ଏସବୁ ଘଟେ । ହେଲେ ଏସବୁ ହେବା ପରେ ଜଣେ କିଭଳି ନିଜ ସମ୍ପର୍କକୁ ବଞ୍ଚାଇ ରଖିବା, ଏହା ତା' ଉପରେ ନିର୍ଭର କରେ । ଇନ୍ଦ୍ରନୀଲ ଆମ ସମ୍ପର୍କକୁ ବଞ୍ଚାଇବା ପାଇଁ କିଛି ବି କରିନଥିଲେ । ଅନ୍ୟ ମହିଳାଙ୍କ ସହ ସମ୍ପର୍କ ଥିବା ଜାଣି ବି ମୁଁ ତାଙ୍କୁ କ୍ଷମା କରିଦେଇଥିଲି । ୨ବର୍ଷ ପର୍ଯ୍ୟନ୍ତ ମୁଁ ଆମ ସମ୍ପର୍କକୁ ସଜାଡ଼ିବାକୁ ଚେଷ୍ଟା ବି କରିଥିଲି । ହେଲେ ୨୦୨୨ରେ ଆମେ ଅଲଗା ହେଲୁ, କାରଣ ସେ ଏହା ଚାହୁଥିଲେ ।

ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ରୁହେ

ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ । ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶୀଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ । ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ । ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି । ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ । ପରିପୂଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ ।

ମୃତ୍ୟୁ ନିକଟତର ହେଲେ ମିଳେ ଏହି ସଙ୍କେତ

ଜୀବନର ସବୁଠାରୁ ବଡ ସତ୍ୟ ହେଉଛି ମୃତ୍ୟୁ । ଯଦି ଜଣେ ବ୍ୟକ୍ତି ଜନ୍ମ ହୁଏ, ତା'ର ମୃତ୍ୟୁ ନିଶ୍ଚିତ । ଏପର୍ଯ୍ୟନ୍ତ କେହି ମୃତ୍ୟୁରୁ ବର୍ତ୍ତି ନାହାଁନ୍ତି । ଦିନେ ଆପଣଙ୍କୁ ଯମରାଜଙ୍କ ସହ ଯିବାକୁ ପଡିବ । କୁହାଯାଏ ଯେ ମୃତ୍ୟୁ କେବେ ଘଟିବ ତାହା କେହି ଜାଣନ୍ତି ନାହିଁ, କିନ୍ତୁ ଏହା ସତ୍ୟ ନୁହେଁ । କିନ୍ତୁ କିଛି ଲକ୍ଷଣ ଅଛି ଯେଉଁଥିରୁ ଏହା ଚିହ୍ନଟ ହୋଇପାରେ ଯେ ଶେଷ ସମୟ ପାଖେଇ ଆସିଛି । ଗରୁଡ଼ ପୁରାଣରେ ଏହି ସବୁ ଲକ୍ଷଣ ବିଷୟରେ ଲେଖା ଯାଇଅଛି । ଆଜି ଆମେ ଆପଣଙ୍କୁ ଏପରି କିଛି ଲକ୍ଷଣ ବିଷୟରେ ଅବଗତ କରାଇବାକୁ ଯାଉଛୁ ଯାହା ସୂଚାଇଥାଏ ଯେ ସେହି ବ୍ୟକ୍ତିଙ୍କ ମୃତ୍ୟୁ ନିକଟତର ଅଟେ ।

ବିଶ୍ୱାସ ଅନୁଯାୟୀ, ଯେତେବେଳେ ଜଣେ ବ୍ୟକ୍ତିର ଚେହେରା ହଳଦିଆ, ଧଳା କିମ୍ବା ହାଲୁକା ଲାଲ୍ ହେବାକୁ ଲାଗେ, ତାଙ୍କୁ ଆଗାମୀ ମାସ ମଧ୍ୟରେ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିବ ।

■ ସମୟ ଗଡିବା ସହିତ, ଯଦି ଜଣେ ବ୍ୟକ୍ତି ନାକର ଅଗକୁ ଦେଖିବାରେ ଅସମର୍ଥ, ଏହାର ଅର୍ଥ ହେଉଛି ସେ ଶୀଘ୍ର ମରିବାକୁ ଯାଉଛନ୍ତି । କାରଣ ତାଙ୍କ ଆଖି ଧୀରେ ଧୀରେ ଉପରକୁ ଉଠେ ଏବଂ ମୃତ୍ୟୁ ସମୟରେ ଆଖି ସଂପୂର୍ଣ୍ଣ ଉପରକୁ ହୋଇଯାଏ ।

■ ଯେଉଁ ବ୍ୟକ୍ତି ଆଖିର ସ୍ଥାନ ଦେଖେ ନାହିଁ, ସେହି ବ୍ୟକ୍ତି ୭ କିମ୍ବା ୯ ଦିନରେ ମୃତ୍ୟୁ ଲାଭ କରିବେ । ଯେଉଁ ବ୍ୟକ୍ତି ତାଙ୍କ ନାକ ଏବଂ ଜିଭକୁ ଦିନରେ ଦେଖି ପାରିବେ ନାହିଁ ସେ ଗୋଟିଏ ଦିନରେ ମରିଯିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

■ ମୃତ୍ୟୁ ପୂର୍ବରୁ, ବ୍ୟକ୍ତି ସବୁକିଛି ଦେଖିବା ବନ୍ଦ କରିଦିଏ । ସେ ରଙ୍ଗ ମଧ୍ୟରେ ପ୍ରଭେଦ କରି ପାରନ୍ତି ନାହିଁ, ସବୁକିଛି କଳା ଧଳା ଧୂସର ନୀଳ ଦେଖାଯାଏ ।

■ ମୃତ୍ୟୁର କିଛି ସମୟ ପୂର୍ବରୁ ସ୍ୱର୍ଗୀୟ ଶରୀର ଗୁଡ଼ିକ ଆକାଶରେ ଖଣ୍ଡ ବିଖଣ୍ଡିତ ହେବା ଭଳି ଦେଖାଯାଏ । ଜଣେ ଅନୁଭବ କରେ ଯେ ସବୁକିଛି ଦୁଇ ଭାଗ ମଧ୍ୟରେ ବିଭକ୍ତ, ଯେତେବେଳେ କିଛି ହୁଏ ନାହିଁ । କିଛି ଅଲଗା ଅଲଗା ବାସ୍ନା କେବଳ ସେହି ବ୍ୟକ୍ତିକୁ ହୁଏ । ଅନ୍ୟ କାହାକୁ ହୁଏ ନାହିଁ ।

■ ଯେଉଁ ବ୍ୟକ୍ତିର ନାକ ବଙ୍କା ହୋଇଯାଏ, ତା'ର ଉଭୟ କାନ ଉଚ୍ଚ ହୋଇଯାଏ ଏବଂ ଆଖିରୁ ଲୁହ ଅଜାଣତରେ ଚାଲିଆସେ । ବ୍ୟକ୍ତି ଜଣକ ଶୀଘ୍ର ମୃତ୍ୟୁବରଣ କରନ୍ତି ।

■ ମଣିଷର ପାଞ୍ଚଟି ଇନ୍ଦ୍ରିୟ ଅଙ୍ଗ ଅଛି, କିନ୍ତୁ ଯଦି ଇନ୍ଦ୍ରିୟ ଗୁଡ଼ିକ ଧୀରେ ଧୀରେ କଠିନ ହୋଇଯାଏ, ତେବେ ଏହା ବ୍ୟକ୍ତିର ମୃତ୍ୟୁକୁ ବ୍ୟାଖ୍ୟା କରେ ।

■ ମୃତ୍ୟୁ ନିକଟବର୍ତ୍ତୀ ବ୍ୟକ୍ତି ସର୍ବଦା ନିଜ ମୃତ ସମ୍ପର୍କୀୟମାନଙ୍କ ସହିତ ରହିବା ଭଳି ଅନୁଭବ କରନ୍ତି । ଏହି ଅନୁଭବ ଏତେ ଗଭୀର ଯେ ସେ ଅନୁଭବ କରନ୍ତି ଯେ ସେ ସେମାନଙ୍କ ସହିତ ରହୁଛନ୍ତି ।

■ ଯେତେବେଳେ ଆମେ ଦର୍ପଣକୁ ଦେଖିବା, ଆମେ ଆମର ଚେହେରା ଦେଖୁ, କିନ୍ତୁ ଯଦି କେହି ନିଜ ବ୍ୟତୀତ ଅନ୍ୟ କାହାକୁ ଦେଖିବା ଆରମ୍ଭ କରନ୍ତି, ଅନ୍ୟର ଛାଇ ଚାଲିବା ପରି ଦୃଶ୍ୟମାନ ହୁଏ ତେବେ ଏହା ୨୪ ଘଣ୍ଟା ମଧ୍ୟରେ ତାଙ୍କ ମୃତ୍ୟୁର ସଂକେତ ଦେଇଥାଏ ।

ଶନିଙ୍କ ସାଢେସାତି ପ୍ରକୋପରୁ ବଂଚିବା ପାଇଁ କରନ୍ତୁ ଏହି ଉପାୟ

ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି ଯେ ଗ୍ରହମାନଙ୍କ ପ୍ରଭାବ ମାନବ ଜୀବନ ଉପରେ ପଡିଥାଏ । ମାନବ ଜୀବନରେ ଶନି ଗ୍ରହଙ୍କ ପ୍ରଭାବ ଗମ୍ଭୀର ଭାବରେ ପଡିଥାଏ । ଶନିଙ୍କୁ ନ୍ୟାୟ ଦେବତା ବୋଲି କୁହାଯାଏ । ମଣିଷ ବେଳେବେଳେ ଅଜାଣତରେ ପାପ କରିଦେଇଥାଏ । ଏ ଯେଉଁଥିପାଇଁ ଶନି ସେହି ପାପର ଦଣ୍ଡ ଦେଇଥାନ୍ତି । ବେଳେବେଳେ ଲୋକେ ବୁଝିପାରନ୍ତିନି ଯେ ତାଙ୍କୁ କେଉଁ ପାପର ଦଣ୍ଡ ମିଳୁଛି ବା ସେ କେଉଁ କର୍ମର ଫଳ ଭୋଗୁଛନ୍ତି । ଏଥିପାଇଁ ଶନିଙ୍କ ସାଢେସାତୀର ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ଜ୍ୟୋତିଷଶାସ୍ତ୍ରରେ କିଛି ଉପାୟ ରହିଛି ।

- ଶନି ସାଢେସାତୀ ଉପାୟ : ଶନି ସାଢେସାତୀଙ୍କ ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ପ୍ରତ୍ୟେକ ଶନିବାର ଦିନ କଳା ରଙ୍ଗର ବସ୍ତ୍ର ଉପରେ ବସି ଶନି ସ୍ତୋତ୍ର ଏବଂ ଶନି ଚାଲିଶା ପାଠ କରନ୍ତୁ । ଏହାପରେ ଶନିଦେବଙ୍କ ମନ୍ଦିର ଯାଇ ଆଳତି କରନ୍ତୁ ।

- ଶନିବାର ସନ୍ଧ୍ୟାରେ କଳା କୁକୁରକୁ କଳା ଚଣା ଖୁଆନ୍ତୁ । ଯଦି ସମ୍ଭବ ହୁଏ ତାହେଲେ ଗରିବଙ୍କୁ ମଧ୍ୟ କଳା ଚଣା ଦାନ କରନ୍ତୁ ।

- ଏକ କଳା ରଙ୍ଗର ମାଠିଆରେ ୨ କିଲୋ କଳା ଚଣା କିମ୍ବା କଳା ବିରି ପକାଇ ସେଠି ମାଠିଆକୁ ହାତରେ ଧରି ଶନିଦେବଙ୍କୁ ପ୍ରାର୍ଥନା କରନ୍ତୁ । ଏହାପରେ ଶନିଦେବଙ୍କ ମନ୍ତ୍ର ଜପ କରନ୍ତୁ ଏବଂ ସେହି ମାଠିଆକୁ କୌଣସି ଗରିବଙ୍କୁ ଦାନ କରିଦିଅନ୍ତୁ ।

- ନିଜ ବାମ ଗୋଡରେ କଳା ସୂତା ବାନ୍ଧନ୍ତୁ । ପ୍ରତ୍ୟେକ ଶନିବାର ଦିନ କଳା ବସ୍ତ୍ର ଦାନ କରନ୍ତୁ । ଯଦି ସମ୍ଭବ ନ ହୁଏ ତାହେଲେ କଳା ରୁମାଲ ମଧ୍ୟ ଦାନ କରିପାରିବେ ।

- ଏକ ଗିନାରେ ସୋରିଷ ତେଲ ନେଇ ସେଥିରେ ନିଜ ଛବି ଦେଖନ୍ତୁ । ଏହାପରେ ଶନି ମନ୍ଦିର ଯାଇ ଏହି ତେଲର ଦୀପ ଜଳାନ୍ତୁ । ଏହି ତେଲକୁ ଆପଣ ଦାନ ମଧ୍ୟ କରିପାରିବେ ।

- ପ୍ରତିଦିନ ପକ୍ଷୀମାନଙ୍କୁ ୭ ପ୍ରକାର ଶସ୍ୟ ଖାଇବାକୁ ଦିଅନ୍ତୁ । ଯଦି ସମ୍ଭବ ହୁଏ ତାହେଲେ କୁଷ୍ଠ ରୋଗୀଙ୍କ ସେବା କରନ୍ତୁ । କୁଷ୍ଠ ରୋଗୀଙ୍କ ସେବା କଲେ ଖୁବ ଶୀଘ୍ର ଶନିଙ୍କ ସାଢେସାତୀ ପ୍ରକୋପରୁ ରକ୍ଷା ମିଳିଥାଏ ବୋଲି କୁହାଯାଏ ।

ସୁଗନ୍ଧିତ ଦାମୀ ମହମବତିର ଚାହିଦା ବଢୁଛି

ଆମ ଦେଶରେ ସୁଗନ୍ଧିତ ଅତରର ଚାହିଦା ବେଶ୍ ରହିଛି । ସୁଗନ୍ଧିତ ତଥା ଡିଜାଇନର ମହମବତିର ବ୍ୟବସାୟ ଏଠାରେ ଚାଲିଛି ସତ, କିନ୍ତୁ ସେଭଳି ବହୁଳ ବିକ୍ରି ହେଉନାହିଁ । ପାଶ୍ଚାତ୍ୟ ରାଷ୍ଟ୍ରରେ ସମସ୍ତ ବର୍ଗର ଲୋକ ଏଇ ସୁଗନ୍ଧିତ ମହମବତିର ରୀତିମତ ଗ୍ରାହକ । ଅଧିକାଂଶ ଇଉରୋପୀୟ ଲୋକ ମାସିକ ସଉଦାରେ ଏହି ମହମବତି କିଣୁଥିବାର ଦେଖାଯାଏ । ଏସବୁ ସେଟେଂଡ୍ କ୍ୟାଣ୍ଡେଲ୍ (ସୁଗନ୍ଧିତ ମହମବତି)ର ଦର ମଧ୍ୟ ବେଶ୍ ଚଢ଼ା । ଲକ୍ସାଉଇନ୍ ପରଠାରୁ ଏ ମହମବତିର ବିକ୍ରି ବଢ଼ିଛି । ଘରେ ରହିରହି ଲୋକେ ଅତିଷ୍ଠ ହୋଇଗଲେଣି । କେତେଜଣ ମାନସିକ ଚାପରେ ରହିବା ସହ ଅବସାଦଗ୍ରସ୍ତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ମାନସିକ ଚାପକୁ ଭଲ ଅତର ଓ ମହମବତିର ବାସ୍ନା ଅନେକାଂଶରେ କମ୍ କରେ । ମାନସିକ ଚାପଗ୍ରସ୍ତ ରୋଗୀଙ୍କୁ ବିଶେଷଜ୍ଞ ଦଳ ଅନ୍-ଲାଇନ୍ ସାକ୍ଷାତକାରରେ ସମାନ ପରାମର୍ଶ ଦେଇଥିଲେ । ଏହାକୁ ଆଧାର କରି ବ୍ରିଟେନ୍, ଆମେରିକାର ଅନ୍-ଲାଇନ୍ ଷ୍ଟୋରରେ ସେଟେଂଡ୍ କ୍ୟାଣ୍ଡେଲ୍ ପୂର୍ବ ତୁଳନାରେ ୪୫% ଅଧିକ ବିକ୍ରି ହେଉଥିବାର ପ୍ରକାଶ । ୫୦୦ ଟଙ୍କାରୁ ଆରମ୍ଭ ହୋଇ ୩୯ହଜାର ଟଙ୍କା ମୂଲ୍ୟର ସୁଗନ୍ଧିତ ମହମବତି ଥିବାବେଳେ ବଡ଼ଦିନ ଓ ନୂଆ ବର୍ଷ ଅବସରରେ ଘରେ ରହି ଏସବୁ କ୍ୟାଣ୍ଡେଲ୍ ଲଗାଇ ମନୋରଞ୍ଜନ କରିବେ ବୋଲି ସେମାନେ ମତ ଦେଇଛନ୍ତି ।

କୋଶଳୀ ଭାଷା ହେଉ ରାଜ୍ୟ ଭାଷା

ଭୁବନେଶ୍ୱର,୩।୪ (ମହାଭାରତ): ବିଧାନସଭାରେ କୋଶଳିକୁ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ ପ୍ରସଙ୍ଗ ଉଠାଇଛି ବିଜେଡି। ଏ ନେଇ ଗୃହରେ ଦାବି ରଖିଛନ୍ତି, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରୀ କୋଶଳିକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ କରିବା ଏବଂ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁସାରେ ଏହାକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଶୂନ୍ୟ କାଳରେ ଏହି ଦାବି ଉଠାଇ ପ୍ରସନ୍ନ କହିଛନ୍ତି, ଓଡ଼ିଶାର ୧୧ଟି ଜିଲ୍ଲାରେ ଦେଢ କୋଟିରୁ ଅଧିକ ଲୋକ କୋଶଳ ଭାଷା କୁହନ୍ତି। କୋଶଳ ସମୃଦ୍ଧ ସାହିତ୍ୟିକ ଐତିହ୍ୟ, ଏଥିରେ ରାମାୟଣ ଠାରୁ ଆରମ୍ଭ କରି ଅନେକ ଛୋଟ କାହାଣୀ, କବିତା ଏବଂ ପ୍ରକାଶିତ ପୁସ୍ତକ ରହିଛି। ଏହାର ନିଜସ୍ୱ ଅଭିଧାନ ମଧ୍ୟ ଅଛି। ରଙ୍ଗବତୀ ଗୀତ ସମ୍ବଲପୁରର,ଓଡ଼ିଶାର, ଯାହା ଏବେ ଭାରତ ଅତିକ୍ରମ କରି ସାରିଛି। ଛି ଛି ରେ ନନୀ ଗୀତକୁ ନେଇ ସାରା ଭାରତ ବର୍ଷରେ ଚର୍ଚ୍ଚା। ଅନେକ କୁହନ୍ତି ଏହି ଭାଷାର ଲିପି ନାହିଁ କିନ୍ତୁ ଅନେକ ଭାଷାରେ ଲିପି ନାହିଁ କିନ୍ତୁ ସ୍ୱୀକୃତି ମିଳିଛି। ସମ୍ବଲପୁରୀ ହସ୍ତତନ୍ତ ଶାଢ଼ୀର ମଧ୍ୟ ପ୍ରସିଦ୍ଧି ରହିଛି। ଅଷ୍ଟମ ଅନୁସୂଚୀରେ ଏହାକୁ ସାମିଲ କରିବା ପାଇଁ ଦାବି ସଂସଦରେ ବହୁବାର ଉଠାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅନେକ ଥର

କେନ୍ଦ୍ର ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲେ। ତେଣୁ, ରାଜ୍ୟ ସରକାର ଏହାକୁ ସାମିଲ କରିବା ପାଇଁ କେନ୍ଦ୍ରକୁ ଏକ ପ୍ରସ୍ତାବ ପଠାଇବା ଉଚିତ, ବୋଲି ଦାବି କରିଚନ୍ତି ପ୍ରସନ୍ନ।

ଏଥିସହିତ ପ୍ରସନ୍ନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ବିଧାନ ରାଜ୍ୟ ସରକାରଙ୍କୁ ଏକାଧିକ ଭାଷାକୁ ରାଜ୍ୟଭାଷା ମାନ୍ୟତା ପ୍ରଦାନ କରିବାର କ୍ଷମତା ମଧ୍ୟ ଦେଇଛି। ପଶ୍ଚିମାଞ୍ଚଳ ଲୋକଙ୍କ ଆକାଂକ୍ଷା ଏବଂ ଭାବନାକୁ ଧ୍ୟାନରେ ରଖି, ସରକାର ସମ୍ବଲପୁରୀ କୋଶଳୀକୁ ରାଜ୍ୟଭାଷା ଭାବରେ ମାନ୍ୟତା ଦେବା ବିଷୟରେ ବିଚାର କରିବା ଉଚିତ। ଏଥିସହିତ ଭାଷା ଯୁଦ୍ଧ ଏବଂ ରାଜ୍ୟର ବିଘଟନକୁ ଏଡାଇବା ପାଇଁ ଏଭଳି ନିଷ୍ପତ୍ତି ଗୁରୁବପୂର୍ଣ୍ଣ ବୋଲି କହିଛନ୍ତି ପ୍ରସନ୍ନ।

ତେବେ କହିରଖୁଛୁ, ଗତ ମାସରେ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କୋଶଳ ଅଞ୍ଚଳ ଓଡ଼ିଶା ସହିତ ମିଶ୍ରଣକୁ ନେଇ, ଏହା ଏକ୍ ଐତିହାସିକ ଭୁଲ ବୋଲି ସମ୍ବୋଧିତ କରିଥିଲେ। ଯାହାକୁ ନେଇ ଏକ ନୂତନ ବିବାଦ ସୃଷ୍ଟି ହୋଇଥିଲା। ପଶ୍ଚିମ ଓଡିଶା ଏବଂ କୋଶଳ ଭାଷା ଆଲୋଚନାର ପରିସରକୁ ଆସିଥିଲା। ଜୟନାରାୟଣ ଅଭିଯୋଗ କରିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶାକୁ ନେଇ ଗଠିତ କୋଶୟଳର ଲୋକମାନଙ୍କୁ ସମସ୍ତ କ୍ଷେତ୍ରରେ ଅବହେଳିତ କରାଯାଇଛି। ସରକାର କୋଶଳ ଲୋକଙ୍କୁ, ତାଙ୍କର ସମ୍ପତ୍ତି, ଖଣି, କୃଷି, ଜଙ୍ଗଲକୁ ଶୋଷଣ କରୁଛନ୍ତି। ସେମାନେ ପୂର୍ବରୁ ଅନେକ କ୍ଷେତ୍ରରେ ଶୋଷିତ ହେଉଥିଲେ, ଏବଂ ଏବେ ତୁମେ ସାଂସ୍କୃତିକ ଭାବରେ ମଧ୍ୟ ଶୋଷଣ କରିବାକୁ ଚେଷ୍ଟା କରାଯାଉଛି। ଓଡ଼ିଶା ସାଙ୍ଗେ ମିଶି ଅନୁତାପ କରୁଛନ୍ତି ବୋଲି କହିତିଲେ ଜୟନାରାୟଣ, ଯାହାକୁ ନେଇ ଏହି ଭାଷା ବିବାଦ ତେଜିଥିଲା ।

ଧରାପଡିଲା ନକଲି ପୋଲିସ

କଟକ,୩।୪ (ମହାଭାରତ): କମିଶନରେଟ୍ ପୋଲିସର କଟକ ପୋଲିସ ବିଭାଗରେ ବିଭିନ୍ନ ପ୍ରକାରର ପଦବୀରେ ନିଯୁକ୍ତି ଦେବା ବାହାନାରେ ଚାକିରି ଆଶାୟୀମାନଙ୍କୁ ଠକୁଥିବା ଜଣେ ନକଲି ପୋଲିସ ଇନସପେକ୍ଟରଙ୍କୁ ଗିରଫ କରିଛି। ଗିରଫ ନକଲି ପୋଲିସ ଇନସପେକ୍ଟର କଟକ ଜିଲାର ତିଗିରିଆ। ଥାନା ଅନ୍ତର୍ଗତ ନୂଆ ପାଟଣା ଗ୍ରାମର ଗୁଣ୍ଡିଚା ଦଳାଇ ବୋଲି ଚିହ୍ନଟ ହୋଇଛି। ପୋଲିସ ଦଳାଇଙ୍କ ନିକଟରୁ ଏକ ଲାପଟପ୍, ୫ଟି ମୋବାଇଲ୍ ଫୋନ୍, ନକଲି ପରିଚୟପତ୍ର, ପୋଲିସ ଇନସପେକ୍ଟର ୟୁନିଫର୍ମ, ପୋଲିସ କପ୍, ନେମ୍ ପ୍ଲେଟ୍ ଷ୍ଟାର ଏବଂ ଲୋଗୋ ସହିତ ପୋଲିସ ଇନସପେକ୍ଟର ରବର ଷ୍ଟାମ୍ପ ଏବଂ ଚେକ୍ ବହି ଜବତ କରିଛି। କଟକ ଡିସିପି ଋଷିକେଶ ଖିଲାରିଙ୍କ ଅନୁଯାୟୀ, ବାଦାମବାଡି ପୋଲିସ ନିକଟରେ ମାହାଙ୍ଗା ଥାନା ଅନ୍ତର୍ଗତ ଜିତୁ ମେରିପୁର ଗ୍ରାମର ଜିତାଂଶୁ ଶେଖର ପରିଡା, ଯିଏ ବର୍ତ୍ତମାନ କଟକର ସିଏନ୍‌ବିଟି ବସ୍ ଷ୍ଟାଣ୍ଡରେ କାର୍ଯ୍ୟରତ, ନକଲି ପୋଲିସ ଇନ୍ସପେକ୍ଟରଙ୍କ ବିରୋଧରେ ଅଭିଯୋଗ ଦାୟର କରିବା ପରେ ମାମଲା ରୁଜୁ ହୋଇଥିଲା।

ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୪ (ମହାଭାରତ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆଟେଣ୍ଡାଂଟ ଦୁର୍ଯ୍ୟୋଧନ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେ ୧୯୯୧ ମସିହାରେ ବିଭାଗରେ ଯୋଗଦେଇ ବିଭିନ୍ନ ଉପବିଭାଗରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ଆୟୋଜିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା, ବିଭାଗୀୟ ଅଧିକାରୀ ସ୍ୱର୍ଣ୍ଣମୟୀ ସାହୁ, କର୍ମଚାରୀ କଲ୍ୟାଣ କମିଟିର ସମ୍ପାଦକ ଗିରିଜା ନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ଅବସର ଜୀବନ ସୁଖମୟ ହେଉ ବୋଲି କାମନା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସେ କର୍ମକ୍ଷେତ୍ରରେ ନିଯୁକ୍ତ ହୋଇ ନିଜର କର୍ମକ୍ଷେତ୍ର ପ୍ରତି ଯେଉଁ ସାଧୁତା,ନିଷ୍ଠା ଓ ସମୟାନୁବର୍ତ୍ତିତା ଦେଖାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ । ସେ ଜଣେ ଦକ୍ଷ, ସଚ୍ଚୋଟ, ମାର୍ଜିତ ବ୍ୟକ୍ତି ଭାବରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ

ଭୁବନେଶ୍ୱର,୩।୪ (ମହାଭାରତ): ସାରା ରାଜ୍ୟରେ ଆଜି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳନ ହୋଇଛି।ତେବେ ବୁଧବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଡଖଣ୍ଡିଆ

ଠାରେ (ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ)ପର୍ବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଟୁନୀ ଦେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି

ଏଥିରେ ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବଙ୍ଗିଦା ପଂଚାୟତର ସରପଂଚ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଆଂଚ ଲିକ ସାଧନ କେନ୍ଦ୍ର ସଂଯୋଜକ ବାଗେଶ୍ରୀ ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।ଏହି ପର୍ବରେ ତିନୋଟି ଷ୍ଟଲ ଯେପରି ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ସୃଜନାତ୍ମକ ଷ୍ଟଲ ବିଭିନ୍ନ ଶିକ୍ଷଣ ସାମଗ୍ରୀରେ ମାଧ୍ୟମରେ ନୂତନ ଶ୍ରେଣୀ ଶିଶୁ ବାଟିକା, ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ପିଲାମାନଙ୍କୁ ଫୁଲଚନ୍ଦନ ଦ୍ୱାରା ସ୍ୱାଗତ କରା ଯାଇଥିଲା ।ପରେ ନମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ଖଡ଼ିଛୁଆଁ ପର୍ବ ପାଳନ କରାଯିବା ସହିତ ସେମାନଂକୁ ମିଷ୍ଟାନ୍ନ ଆଉ ସରକାରଙ୍କ ତରଫରୁ ଆସିଥିବା କିଟ (ସାମଗ୍ରୀ)ବଂଟନ କରାଯାଇଥିଲା। ଅତିଥିମାନେ ସରକାରଙ୍କର ଏହି ପଦକ୍ଷେପକୁ ଭୁୟସୀ ପ୍ରଶଂସା କରିବା ସହ ଏହା ପିଲାମାନଂକୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ଓ ସର୍ବାଙ୍ଗୀନ ବିକାଶ ରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମୃତୁଞ୍ଜୟ ମହାପାତ୍ର ଅନୁପମା ସାହୁ ବନିତା ରାଣୀ ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

କିଟ୍ ଓ ସିଲନ୍ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୩।୪ (ମହାଭାରତ): ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ଏବଂ କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏଥିରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀମାନଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ଏହି ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ, ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭରସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମେଷ୍ଟ୍ରି ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।

ଅପହରଣ କରି ପ୍ରେମିକା ଗିରଫ

ଭୁବନେଶ୍ୱର,୩।୪ (ମହାଭାରତ): ପ୍ରେମିକଙ୍କୁ ଉଠାଇନେଲେ ପ୍ରେମିକା। ଅପହରଣ ପରେ ୧୦ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ବି ରଖିଥିଲେ ପ୍ରେମିକା। ଏହା କୌଣସି ଫିଲ୍ମର ଷ୍ଟୋରୀ ନୁହେଁ , ରାଜଧାନୀ ଭୁବନେଶ୍ୱରରେ ଏପରି ଏକ ଅପହରଣ ଘଟଣା ସାମ୍ନାକୁ ଆସିଛି। ପ୍ରେମିକକୁ ଅପହରଣ କରିଥିବା ଅଭିଯୋଗରେ ପ୍ରେମିକା ସମେତ ୫ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୋଲିସ। ଏଥିସହ ଅପହୃତ ଯୁବକଙ୍କୁ ଭରତପୁର ଅଞ୍ଚଳର ଏକ ହୋଟେଲରୁ ଉଦ୍ଧାର କରିଛି ପୋଲିସ। ଗିରଫ ଅଭିଯୁକ୍ତଙ୍କ ଠାରୁ ୨ ଟି କାର ଓ ୪ଟି ମୋବାଇଲ ଜବତ କରିଛି ପୋଲିସ। ପ୍ରେମିକାଙ୍କ ଘର ଝାଡ଼ଖଣ୍ଡ ହୋଇଥିବାବେଳେ ଲିଭଇନରେ ରହୁଥିଲେ। ତେବେ ପ୍ରେମିକଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ଝାରପଡ଼ାରୁ ଉଠାଇ ଆଣିଥିଲେ ପ୍ରେମିକା। ସୋମନାଥ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳରେ ନିଜ ପ୍ରେମିକାଙ୍କ ସହ ଲିଭ ଇନରେ ରହୁଥିଲେ। ଏପଟେ ସୋମନାଥଙ୍କ ସହ ଲିଭଇନରେ ରହୁଥିବା ବେଳେ ଯୁବତୀଙ୍କ ଜଣଙ୍କ ଅନ୍ୟ ଯୁବକଙ୍କ ସହିତ ସଂପର୍କ ରଖୁଥିଲେ। ଯାହା ବିଷୟରେ ଖବର ପାଇଥିଲେ ସୋମନାଥ। ପ୍ରେମିକାଙ୍କ ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟର ବଚସା ମଧ୍ୟ ହୋଇଥିଲା। ଏ ସଂପର୍କରେ ପ୍ରେମିକା ନିଜ ଭଉଣୀକୁ ଜଣାଇଥିଲେ। ଏହାପରେ ଭଉଣୀର ପ୍ରେମିକଙ୍କ ସହିତ ମିଶି ନିଜ ବୟଫ୍ରେଣ୍ଡକୁ ଅପହରଣ କରିଥିଲେ। ସୋମନାଥଙ୍କୁ ଭରତପୁର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ରଖିଥିଲେ।

ଶ୍ରମିକମାରଣ ନୀତି ବିରୋଧରେ ବିକ୍ଷୋଭ

ଭୁବନେଶ୍ୱର,୩।୪ (ମହାଭାରତ): କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରୁଣା ପେନସନ ବ୍ୟବସ୍ଥା ବଦଳରେ ୟୁପିଏସ ଲାଗୁ କରିବା ଏବଂ ୨୯ ଟି ଶ୍ରମ ଆଇନ ବଦଳରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଟି ଶ୍ରମ କୋଡ ଲାଗୁ କରିବା, ଶ୍ରମିକ ଛଟେଇ କରିବା, ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଆଦି ବିଭିନ୍ନ ଶ୍ରମିକମାରଣ ନୀତି ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ସର୍ବ ଭାରତୀୟ କମିଟିର ଆହ୍ୱାନକ୍ରମେ ସାରା ଭାରତ ଦାବି ଦିବସ ପରିପ୍ରେକ୍ଷୀରେ ସଂଗଠନର ଭୁବନେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ ଛକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଆଇୟୁଟିୟୁସି ଭୁବନେଶ୍ୱର ଜିଲ୍ଲା କମିଟିର ସଂପାଦକ ନିରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଗଠନର ରାଜ୍ୟ ସଂପାଦକ ଜୟସେନ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତି କାର୍ଯ୍ୟକାରୀ କରିବା ଫଳରେ ଶ୍ରମିକ ତଥା ସର୍ବ ସ୍ତରର ମେହନତୀ ଜନସାଧାରଣଙ୍କ ଜୀବନ ଆଜି ଦୁର୍ବୀସହ ବୋଲି ଉଲ୍ଲେଖ କରିବା ସହିତ ଖଟିଖିଆ ମେହନତୀ ଶ୍ରମିକ ଏହା ବିରୁଦ୍ଧରେ ଆନ୍ଦୋଳନକୁ ଦୁର୍ବାର କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ଶ୍ରମିକ ନେତା ଅଶୋକ ସାହୁ, ବୁଗୁରୁ ତ୍ରିନାଥ, ପଦ୍ମ ଚରଣ ମଲ୍ଲିକ, ଜୀତେନ୍ଦ୍ର ବେହେରା, ନିଳେନ୍ଦ୍ର କାନ୍ତି ଆଚାର୍ଯ୍ୟ, ବିପ୍ଳବ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ ଓ ଏହି ବିକ୍ଷୋଭରେ ସଂଗଠିତ ତଥା ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର ଶତାଧିକ ଶ୍ରମିକ ଅଂଶଗ୍ରହଣ କରିଥିଲେ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୩।୪ (ମହାଭାରତ): ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରର ୭୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ଉପଲକ୍ଷେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେଏକଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୧୩ ଏପ୍ରିଲ ୧୯୪୮ ରେ ପ୍ରତିଷ୍ଠା ହୋଇଥିବା ଭୁବନେଶ୍ୱର ରାଜଧାନୀ ଏ ବର୍ଷ ୭୭ ବର୍ଷରେ ପଦାର୍ପଣ କରୁଛି । ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ସଂପର୍କରେପ୍ରସ୍ତାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସକୁ ଏପ୍ରିଲ ୧୩ ଓ ୧୪ଦୁଇଦିନ ଧରି ମହା ସମାରୋହରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ। ଭାଷା,

ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ। ପକ୍ଷ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ପ୍ରତି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅପ୍ରେଲ ୧୩ ତାରିଖ ରବିବାର ପାରମ୍ପରିକ ଓଡ଼ିଆ। ଖାଦ୍ୟ ପାଇଁ ଦିନଟିଏ ଏବଂ ଅପ୍ରେଲ ୧୪ରେ ଓଡ଼ିଆ। ନୂଆ ବର୍ଷ ପାଳନ ହେବ। ଓଡ଼ିଆ। ପକ୍ଷ ପାଳନ ଅବସରରେ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବାରୁ ୧୪ଦିନ ପର୍ଯ୍ୟନ୍ତ ରାଜଧାନୀରେ ଉତ୍ସବର ମାହୋଲ ରହିବ। ଏହାକୁ ଦୃଷ୍ଟିରେ ରଖି ଅପ୍ରେଲ ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ଦିବସପ୍ରଥମ ଦିବସ ସମାରୋହ ସହ ୧୪ ତାରିଖ ଦ୍ୱିତୀୟ ଦିନରେ ଓଡ଼ିଆ। ନୂଆ ବର୍ଷ ପାଳନ ସମେତ ରାଜଧାନୀ ପ୍ରତିଷ୍ଠା ଦିବସକୁ ସାମିଲ କରାଯାଇ ଉତ୍ସବକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରାଜଧାନୀ ପ୍ରତିଷ୍ଠା ଦିବସକୁ ଶାନ୍ତି, ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ତରଫରୁ ଏହା ପୂର୍ବ ଭଳି ଏଥର ମଧ୍ୟ ୩ଦିନ ଧରି ପାଳନ କରାଯିବା ପାଇଁ ଅନୁରୋଧ କରା

ଟିକସ ଫାଙ୍କି କମିଛି

ଜିଏସଟି ବ୍ୟବସ୍ଥା ପୂର୍ବରୁ ଦେଶରେ ବିଭିନ୍ନ ପ୍ରକାର ଟିକସ ଆଦାୟ ହେଉଥିଲା । ଟିକସ ବ୍ୟବସ୍ଥା ଜଟିଳ ଥିବାରୁ ଠକେଇ ଅଧିକ ହେଉଥିଲା । ଜିଏସଟି ଲାଗୁ ହେବା ପରେ ଏହା ସରଳ ହୋଇଛି, ଟିକସ ଫାଙ୍କି କମିଛି, ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଛି ସତ, ମାତ୍ର ସାଧାରଣ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ ହୋଇପଡ଼ିଛି । ବରଂ ଜିଏସଟି ସାଧାରଣ ଗରୀବ ଲୋକଙ୍କ ପାଇଁ ଏକପ୍ରକାର ବୋଝ ହୋଇପଡ଼ିଛି । ଟିକସ ବ୍ୟବସ୍ଥାରେ ସଂସ୍କାର ଲାଗି ୨୦୧୭ରେ କେନ୍ଦ୍ର ସରକାର ଦେଶରେ ଜିଏସଟି ଲାଗୁ କଲେ । ୨୦୧୭ ଜୁଲାଇ ପହିଲାରୁ ସାରା ଦେଶରେ ଏହା କାର୍ଯ୍ୟକାରୀ ହେଲା । ସ୍ୱାଧୀନତା ପରେ ଦେଶରେ ଟିକସ ବ୍ୟବସ୍ଥାରେ ଏହା ଥିଲା ସବୁଠାରୁ ବଡ଼ ସଂସ୍କାରମୂଳକ ପଦକ୍ଷେପ । ଦେଶର ଅଧିକାଂଶ ସାମଗ୍ରୀ ଓ ସେବା ଜିଏସଟି ପରିସରଭୁକ୍ତ ହେଲା । ଉଦ୍ଦେଶ୍ୟ ଥିଲା ଟିକସ ବ୍ୟବସ୍ଥାକୁ ସରଳ କରିବା ଏବଂ ସାରା ଦେଶରେ ସମସ୍ତ ପ୍ରକାର ସାମଗ୍ରୀ ଓ ସେବା ଉପରେ ସମାନ ଟିକସ ଆଦାୟ କରିବା । ଏହା ଦ୍ୱାରା ସବୁ ସାମଗ୍ରୀର ଦର ଦେଶରେ ସମାନ ରହିବ । କିନ୍ତୁ ପେଟ୍ରୋଲ ଓ ଡିଜେଲ ଏବଂ ରନ୍ଧନ ଗ୍ୟାସକୁ ଜିଏସଟି ପରିସରଭୁକ୍ତ କରାଗଲା ନାହିଁ । ରାଜ୍ୟମାନେ ଏହାକୁ ବିରୋଧ କଲେ । ପେଟ୍ରୋଲ ଓ ଡିଜେଲ ଉପରେ ଏବେ ବି ଭାଟ ଆଦାୟ ହେଉଛି ଏବଂ ବିଭିନ୍ନ ରାଜ୍ୟରେ ଏହାର ଦରରେ ପାର୍ଥକ୍ୟ ରହିଛି । ରାଜ୍ୟମାନଙ୍କର ରାଜସ୍ୱ ସଂଗ୍ରହର ଏହା ଏକ ପ୍ରମୁଖ ଉତ୍ସ । ତେଣୁ ସେମାନେ ଏହାକୁ ଜିଏସଟି ପରିସରଭୁକ୍ତ କରିବା ପ୍ରସ୍ତାବକୁ ବିରୋଧ କରୁଛନ୍ତି । ଫଳରେ ଜିଏସଟି ଲାଗୁ ହେବାର ପାଇଦା ଲୋକଙ୍କୁ ମିଳିଲାନି । ବରଂ ଲୋକଙ୍କ ଉପରେ ଜିଏସଟି ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି । ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । କେବଳ ଯୁଦ୍ଧ ଯୋଗୁ ନୁହେଁ, ଅଦିନିଆ ବର୍ଷା ବା ଅସ୍ୱାଭାବିକ ପାଣିପାଗ ଯୋଗୁ ମଧ୍ୟ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଆମେ ଆଗୁଆ ପ୍ରସ୍ତୁତ ହୋଇନଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଦେଶରେ ପ୍ରତିବର୍ଷ କୃଷି ଉତ୍ପାଦନ ବଢୁଛି । ଅଧିକାଂଶ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି । ନିଜର ଚାହିଦାକୁ ମେଣ୍ଟାଇ ଆମେ ବିଦେଶକୁ ପ୍ରଚୁର ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛୁ ଏବଂ ଏହା ମାଧ୍ୟମରେ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରି ଏଥିରେ ବିଦେଶରୁ ଅନ୍ୟ ସାମଗ୍ରୀ ଆମଦାନୀ କରିପାରୁଛୁ । ଗୋଟିଏ ବାକ୍ୟରେ କହିଲେ ଭାରତର ଅର୍ଥନୀତି ଅନେକାଂଶରେ କୃଷି ବିକାଶ ଉପରେ ନିର୍ଭରକରୁଛି । ଏହା ହିଁ ଆମ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମେରୁଦଣ୍ଡ । ଏଥିପାଇଁ କରୋନା ମହାମାରୀ ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ଦୋହଲିଯାଇନି କିମ୍ବା ଲୋକେ ଖାଇବାକୁ ନପାଇ ଭୋକରେ ଛଟପଟ ହୋଇନାହାଁନ୍ତି । ଦୁଇ ବର୍ଷ ହେଲା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି । ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି । ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସତ୍ତ୍ୱେ ଦେଶର ଅତି ଉତ୍କଟ ଦାରୀଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି । ଗତ ୫୦ ବର୍ଷ ଭିତରେ ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି ।

ଆମେରିକାର ପ୍ରକଳ୍ପ ୨୦୨୫

॥ ସୌମେନ୍ଦ୍ର ଜେନା ॥

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି । ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି । ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି । କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି ।

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ । ସବୁଥର ପରି ଏଥର ମଧ୍ୟ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି । ଡେମୋକ୍ରାଟରୁ ଜୋ ବାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲ୍‌ଡ଼ ଟ୍ରମ୍ପ ଦୌଡରେ ରହିଛନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ୍ୟ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି । ସେହି କ୍ରମରେ ଡୋନାଲ୍‌ଡ଼ ଟ୍ରମ୍ପଙ୍କ ସମର୍ଥକମାନେ ମଧ୍ୟ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି । ଆମେରିକାର ସରକାର କ'ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ 'ମାଣ୍ଡେଟ ଫର୍ ଲିଡରସିପ୍' ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି । ଅନୁଷ୍ଠାନ ପକ୍ଷରୁ ତାକୁ 'ପଲିସୀ ବାଇବେଲ' ବୋଲି ଆଖ୍ୟା ଦେଇଥାଏ । ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେବୋ ଫାଉଣ୍ଡେସନ କହିଥାଏ । ଅନୁଷ୍ଠାନର ଅଧ୍ୟକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ 'ପ୍ରକଳ୍ପ-୨୦୨୫' ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ 'ପ୍ରକଳ୍ପ-୨୦୨୫' ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି । ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି । କେତେକ ବର୍ଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ'ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି । ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି । ଓ୍ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ । ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି । ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି । ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ 'ଖ୍ରୀଷ୍ଟିଆନ ଜାତୀୟତାବାଦ'କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ । ଓ୍ୱିଲିୟମ୍ ଓ୍ୱଲପଂଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ୍ୟ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ । ଏଥିରେ ଜଳବାୟୁ ପରିବର୍ତ୍ତନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି । ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି । ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି । ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି । ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା ।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି । ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି । ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି । କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି । ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି । କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି । ବାଣିଜ୍ୟ ବିଭାଗରେ ଥିବା ଆଥକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି । ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମାଞ୍ଚଳର କ୍ଷତି କରିଛି । ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି ।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ । ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସଞ୍ଚୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି । ଅନ୍ୟ ପକ୍ଷରେ କେଣ୍ଟ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର । ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜନାମା କରିବା ଆବଶ୍ୟକ । ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ । ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି ।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି । ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି । ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି । ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ରଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି । ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ । ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି । ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି । ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି । କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି । ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପତ୍ତି ନେଇପାରିବେ । ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ । ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ । ଏଥିପାଇଁ 'ପ୍ରକଳ୍ପ-୨୦୨୫' ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ । କିନ୍ତୁ ୨୦୨୪ ସୁଦ୍ଧା ବାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି ।

ଜଳବାୟୁ ପରିବର୍ତ୍ତନର ପଞ୍ଜାରେ ଆଜିର କୃଷି

॥ କୃଷିକିଶୋର ଚନ୍ଦ୍ର ଜେନା ॥

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି । ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆର୍ବିଭୂତା ବଂର ପୁରା ବିଶ୍ୱକୁ ତାର ପଞ୍ଜାରେ ମାଡ଼ି ବସିଛି । ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ । ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି ।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ । ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ । କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :-

କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅ' ସରକାରୀ ପେନାଲଟି (ଓଚଉଉ) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ । ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି । ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆସଙ୍କ

ବର୍ଷ ବର୍ଷ ଧରି ଏଲ, ଆଇ ଅଫିସ ରେ ଝୁଲୁଛି ତାଲା ଘରେ ରହି ଦରମା ପାଉଛନ୍ତି ଏଲ, ଆଇ

କଳାହାଣ୍ଡି, (ମହାଭାରତ) : ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣା ପଂଚାୟତ ଠାରେ ଏଲ, ଆଇ ଅଫିସ ଅଛି ସତ କିନ୍ତୁ ବର୍ଷ ବର୍ଷ ଧରି ଅଫିସ କୁ ଏଲ, ଆଇ ଆସୁନଥିବା ଅଭିଯୋଗ ହେଉଛି ପ୍ରାଣିଧନ ନିରୀକ୍ଷଣ ଙ୍କ କାର୍ଯ୍ୟ ଅବହେଳା ଏମିତି କି ଅଫିସ କୁ ନ ଆସିବା।, ଠିକ ସମୟ ରେ ପ୍ରାଣୀ ମାନଙ୍କୁ ଚିକିତ୍ସା ନ କରିବା ଯୋଗୁଁ ମହୁଲ ପାଟଣା ପଂଚାୟତ ର ପ୍ରାଣୀ ଚାଷୀ ମାନଙ୍କ ସହ ସହ ପ୍ରାଣୀ ଯଥା ଗାଈ, ବଳଦ, କୁକୁଡ଼ା ଛେଳି ମୃତ୍ୟୁ ହେବା ଫଳରେ ହଜାର ହଜାର ଟଙ୍କା କ୍ଷତି ହେଇଛି ବୋଲି ଚାଷୀ ପ୍ରକାଶ କରିଛନ୍ତି ଅନ୍ୟ ପକ୍ଷ ରେ ମୋତେ ଯାହା ହେବା କଥା ହେଉ ମୁଁ ଡ୍ୟୁଟି ଯିବି ନାହିଁ ବୋଲି ଏଲ.ଆଇ. ବାବୁ କହୁ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେବେ କେଉଁ ସେବା କରିବା ପାଇଁ ନିଯୁକ୍ତି ପାଇଛନ୍ତି ପ୍ରାଣୀଧନ ନିରୀକ୍ଷଣ ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଏକ ବଡ ପ୍ରଶ୍ନ ? ଏଲ. ଆଇ. କୁ ବଦଳି କରିବା ଓ ଏପରି କାର୍ଯ୍ୟ ଅବହେଳା କରୁଥିବା ଏଲ ଆଇ କୁ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଅ□ଳ ବାସୀ ଙ୍କ ଦାବି ହେଉଛି । ଜିଲ୍ଲା ପ୍ରଶାସନ କଣ ପଦକ୍ଷେପ ନେବେ ତାହାକୁ ଅପେକ୍ଷା।

ଦାବି ପୂରଣ ନହେଲେ ବାଫଲୀ ମାଳି ଖଣି ଖନନ ବନ୍ଦ କରିବା ପାଇଁ ସ୍ଥିର କରିଛନ୍ତି ଅଞ୍ଚଳ ବାସି

ଥୁଆମୂଳ ରାମପୁର, (ମହାଭାରତ) : ଯେତେବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ,ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଅଡ୍ରି ଗ୍ରାମ ଠାରେ ଗତ ୨୦୦୭ ମସିହାରେ ଜନଶୁଣାଣି କରି ବାଫଲିମାଳି ମାଇନ୍ସ ୦ କିମି ଠାରୁ ୧୦ କିମି ପର୍ଯ୍ୟନ୍ତ ପାରିପାର୍ଶ୍ୱିକ ବିକାଶର ସ୍ୱପ୍ନ ଦେଖାଇଥିଲେ ଯେପରିକି ବେରୋଜଗାରୀଙ୍କୁ ରୋଜଗାର ,ନୂଆନୂଆଘର,ଶିକ୍ଷା ,ସ୍ୱାସ୍ଥ୍ୟ ,ଗମନାଗମନ ର ସୁବିଧା ,ପ୍ରତି ଘରେ ଘରେ ପାଇପ ଯୋଗେ ପିଇବା ପାଣି ,ବେକାରୀ ଯୁବକ ଯୁବତୀ ମାନଙ୍କୁ ତାଲିମ ଦେଇ ନିଯୁକ୍ତି ଦେବା ,ଲଣ୍ଡା ପାହାଡ଼ ଉପରେ ବୃକ୍ଷ ରୋପଣ କରିବା ,ଏମିତି ଏନେକ ସ୍ୱପ୍ନ ଦେଖାଇଥିଲେ । ସେହି ସ୍ୱପ୍ନ ଦେଖି ଦେଖି ଆଜକୁ ପ୍ରାୟ ୧୭ ବର୍ଷ ବିତିଗଲାଣି କିନ୍ତୁ ଏହି ଅ□ଳ ରେ କିଏ ଜଣେ ଭଲ ଚାକିରୀ ଟିଏ ପାଇନାହାନ୍ତି କି ଅଞ୍ଚଳରେ ଭଲ କାର୍ଯ୍ୟ ଟିକେ ଦେଖିହେଉନାହିଁ ଯାହାଫଳରେ ଅ□ଳର ଲୋକେ ଦାରିଦ୍ର୍ୟ ର ଶିକାର ହୋଇ ବାହାରକୁ ଦାଦନ ଖଟି ଯିବାକୁ ପଡୁଛି ସେଥିପାଇଁ କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲା ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକ ଓ କାଶୀପୁର ବ୍ଲକ ର ଛଅଗୋଟି ଗ୍ରାମ ପଞ୍ଚାୟତ ବାସି ତଥା ମାଳିଗାଁ, ଗୋପୀନାଥପୁର, ଅଦ୍ରୀ,ଚନ୍ଦ୍ରଗିରି,ମାଳିଙ୍କ□,ଏବଂ କୋଡ଼ିପରି । ବାଫଳା ମାଳି ପାହାଡ଼ ସୁରକ୍ଷା କୁ ନେଇଁ ଅ□ଳ ବାସି ବହୁମାତ୍ରା ରେ ଯୋଗଦେଇ ବୁଧବାର ଏକ ଗଣ ସମାବେଶ ଅନୁଷ୍ଠିତ କରିଥିଲେ ଗାଦିଆମାଳଘାଟ ରୁ ସିନଟେକ କରି କମ୍ପାନୀ କୁ ପାଇପ ଯୋଗେ ପାଣି ଯୋଗାଇ ଉକ୍ତ ପାହାଡ଼ ଖନନ କରି ବକ୍ସାଇଟ ବାହାର କରାଗଲା ସେତେବେଳ ଠାରୁ ଇନ୍ଦ୍ରାବତୀ ଜଳ ଭଣ୍ଡାର ର ଜଳ ଦୂଷିତ ହେବାରେ ଲାଗିଛି, ତତସହିତ ବାୟୁ ପ୍ରଦୂଷଣ ହୋଇ ଏହି ଅଞ୍ଚଳ ର ଜମିର ଉର୍ବରତା ହୋଇ କ୍ଷତି ହେଉଛି ,ସେହି ଜମିରେ ଆଉ ଚାଷ ହେଉ ନାହିଁ କି ଘାସ ଗଛଲତା ବଢିପାରୁ ନାହିଁ ଚାଷ ଓ ପାହାଡ଼ ରେ ସେମାଙ୍କର ନିତିଦିନିଆ ବ୍ୟବହାର କରୁଥିବା ଦ୍ରବ୍ୟ ଆଉ ସଂଗ୍ରହ କରିପାରୁନାହାନ୍ତି, ଏବଂ ପାହାଡ଼ ତଳରୁ ଯେତେ ସବୁ ଝରଣା ବହିଆସୁଥିଲା ସେହି ଝରଣା ର ପାଣି ସୁଖିବାରେ ଲାଗିଲାଣି ବାଫଲିମାଳି ର ଚତୁର୍ପାର୍ଶ୍ୱ ରେ ଥିବା ପ୍ରଭାବିତ ଅଞ୍ଚଳ ର ଜନଜୀବନ ,ପଶୁପକ୍ଷୀ ଇତ୍ୟାଦି ଦ୍ରବ୍ୟ ନଷ୍ଟ ହେବାକୁ ଲାଗିଲାଣି, କମ୍ପାନୀ କୁ ଖଣି ,ପାଣି ,ଜଙ୍ଗଲ ସବୁ ଦେଇ ଅଞ୍ଚଳ ବାସି ସର୍ବହରା ହୋଇ ଭାଗ୍ୟ କୁ ଆଦରି ଜୀବନ ଜୀବିକା ସହିତ ସଂଘର୍ଷ କରୁଛନ୍ତି । ପୁଣି ବାଫଲିମାଳି ବକ୍ସାଇଟ ଖନନ କରି ନେଉଥିବା ଗାତରେ କମ୍ପାନୀ ର ବିଶୋଧନାଗାର ରୁ ବାହାରୁଥିବା ଅଳିଆ ଆବର୍ଜନା ବିଷାକ୍ତ ରେଡମଣ୍ଡଫଣ୍ଡ ଆଣି ଗାତରେ ଭର୍ତି କରିବାରେ ଚାଲିଛି ଏମିତି ବିଷାକ୍ତ ରେଡମଣ୍ଡଫଣ୍ଡ ଯଦି ସବୁ ଗାତରେ ଭର୍ତିକରାଯାଏ ତେବେ ଆଗାମୀ ଦିନ ମାନଙ୍କରେ ପାହାଡ଼ଫାଟି କିମ୍ବା ପାହାଡ଼ ତଳୁ ବହିଆସୁଥିବା ଝରଣା ପାଣିରେ ବିଷାକ୍ତ ମିଶି ଆସିଲେ ସେହି ପାଣି ପିଇ ସବୁ ଅଞ୍ଚଳବାସୀ ଓ ପଶୁପକ୍ଷୀ ଜନ ଜୀବନ ରୋଗାକ୍ରାନ୍ତ ହେବା ସହିତ ଆଗାମୀ ପିଢ଼ି ରେ ଜନ୍ମ ହେବାକୁଥିବା ପିଲାଛୁଆ ବିକଳାଙ୍ଗ ହେବାର ସମ୍ଭାବନା ଅଧିକ ରହିଅଛି ତେଣୁ ଉତ୍କଳ ଆଲୁମିନା କମ୍ପାନୀ ନିକଟକୁ ଦାବି କରିଛନ୍ତି କି । ୧-ପାୱାରପ୍ଲା□ ରିଫାଇନାରୀ ରୁ ବାହାରୁଥିବା ରେଡ଼ମଣ୍ଡ ବର୍ଜ୍ୟବସ୍ତୁ କୁ ଖଣି ଖନନ କରାଯାଇଥିବା ଗାତରେ ଭର୍ତି କରାଯାଉଛି ତାହା ତୁରନ୍ତ ବନ୍ଦ କରାଯାଉ ଏବଂ ସେହି ଗାତରେ ଆମ ଅଂଚଳ ରେ ମିଳୁଥିବା ଗୋଡି,ବାଲି ,ମାଟି ଦ୍ୱାରା ତୁରନ୍ତ ପୁରଣ କରାଯାଉ ୨-ଥୁଆମୂଳ ରାମପୁର ବ୍ଲକ ର ଅଡ୍ରି,ଗୋପୀନାଥପୁର,ମାଳିଗାଁ ଗ୍ରାମପଞ୍ଚାୟତ ଏବଂ କାଶୀପୁର ବ୍ଲକ ର କୋଡ଼ିପାରି,ମାଳିଙ୍କ□,ଚନ୍ଦ୍ରଗିରି ଗ୍ରାମ ପଞ୍ଚାୟତ ର ବେକାରୀ ଯୁବକ, ଯୁବତୀ ମାନଙ୍କୁ ଯୋଗ୍ୟତା ଭିତିରେ ତାଲିମ ଦେଇ ଉତ୍କଳ ଆଲୁମିନା କମ୍ପାନୀ ରେ ନିଯୁକ୍ତି ପ୍ରଦାନ କରାଯାଉ ୩-ଉତ୍କଳ ଆଲୁମିନା କମ୍ପାନୀ ବାଫଲିମାଳି ଖଣି ପ୍ରଭାବିତ ଅଞ୍ଚଳ କୁ କେନ୍ଦ୍ରକରି ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଅଡ୍ରି ,ଗୋପୀନାଥପୁର,ମାଳିଗାଁ ଗ୍ରାମପଞ୍ଚାୟତ ରେ ଗୋଟିଏ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯାଉ ଏବଂ କାଶୀପୁର ବ୍ଲକ ର ଅନ୍ତର୍ଗତ କୋଡ଼ିପାରି, ମାଳିଙ୍କ□,ଚନ୍ଦ୍ରଗିରି ଗ୍ରାମପଞ୍ଚାୟତ ରେ ଗୋଟିଏ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯାଉ ୪-ଶିକ୍ଷା ର ଗୁଣାତ୍ମକ ବିକାଶ ନିମନ୍ତେ ଛଅ ଗୋଟି ଗ୍ରାମପ□ାୟତ ର ହେଡକ୍ୱାର୍ଟର ଠାରେ ନର୍ସରୀ ଠାରୁ ପ□ମ ଶ୍ରେଣୀ ଯାଏଁ ଗୋଟିଏ ଗୋଟିଏ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରାଯାଉ ୫-ବାଫଳାମାଳି ଖଣି ଅଞ୍ଚଳର ପ୍ରତ୍ୟକ ଗ୍ରାମ ଗୁଡିକରେ ପାରିପାର୍ଶ୍ୱିକ ଉର୍ଦ୍ଧତି ମୂଳକ କାର୍ଯ୍ୟ କରାଯାଉ ଏବଂ ବିସ୍ଥାପିତ ଅଞ୍ଚଳର ସମସ୍ତ ସରକାରୀ,ବେସରକାରୀ ଜମି ଓ ଲଣ୍ଡା ପାହାଡ଼ ମାନଙ୍କରେ ବିଭିନ୍ନ କିସମ ର ବୃକ୍ଷ ରୋପଣ କରାଯାଉ ୬-ଉତ୍କଳ ଆଲୁମିନା କମ୍ପାନୀ ଖଣି ଖନନ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ଓ କ୍ଷତିଗ୍ରସ୍ଥ ଜମିହରା ମାନଙ୍କୁ ଜମିର ଉଚିତ ମୂଲ୍ୟ ଦିଆଯାଉ ଏବଂ ସ୍ଥାୟୀ ନିଯୁକ୍ତି ଦିଆଯାଉ ୭-ଉତ୍କଳ ଆଲୁମିନା କମ୍ପାନୀ ସାମାଜିକ ଦାୟିତ୍ୱ ବହନ କରି ବେରୋଜଗାରୀ ଜନସାଧାରଣ ଙ୍କୁ କର୍ମନିଯୁକ୍ତି ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ୮-ଉତ୍କଳ ଆଲୁମିନା କମ୍ପାନୀ ଅଧୀନରେ ଆସୁଥିବା ପ୍ରତ୍ୟକ ଗ୍ରାମରେ ସୌରଚାଳିତ ଗଭୀର ନଳକୂପ ଖନନ କରି ଘରେ ଘରେ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉ।

ପେଟ୍ରୋଲିଂ ବେଳେ ୪ଯୁବକ ଗିରଫ

ବନ୍ଧୁକ ଓ ଗୁଳି ଜବତ

ଭଞ୍ଜନଗର,(ମହାଭାରତ) : ଭଞ୍ଜନଗର ପୁଲିସ୍ ପେଟ୍ରୋଲିଂ କରୁଥିବା ସମୟରେ ଫିସେରୀ କାର୍ଯ୍ୟାଳୟ ନିକଟରୁ ୪ ଜଣ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଓ ବନ୍ଧୁକ ଜବତ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଭଞ୍ଜନଗର ବାଞ୍ଛୋଶ୍ୱର ନଗରର ବବୁଲ ନାଇକ,ଆକାଶ ନାଇକ, ଲଣ୍ଡେଇ ସାହିର ପ.ରୁଦ୍ରମଣି ରେଡ୍ଡି,ତାରସିଂ ଥାନା ଢୋଲପିଟା ଗ୍ରାମର ରଞ୍ଜନ ନାଇକ। ପୁଲିସର ସୂଚନା ଅନୁଯାୟୀ,ଅଭିଯୁକ୍ତ ମାନେ ଫିସେରୀ କାର୍ଯ୍ୟାଳୟ ନିକଟରେ ରହିଥିବା ବେଳେ ପୁଲିସ୍ ପେଟ୍ରୋଲିଂ ସମୟରେ ସନ୍ଦିଗ୍ଧ ଭାବେ ଏମାନେ ବସି ରହିଥିବା ଦେଖି ପଚରାଉଚୁରା କରିବା ସହ ଯାଞ୍ଚ କରିବା ସମୟରେ ଅଭିଯୁକ୍ତ ବବୁଲ ନିକଟରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ ହୋଇଥିଲାୟ ଅଭିଯୁକ୍ତ ମାନେ ଆଖପାଖ ଅଞ୍ଚଳରେ ଲୋକ ମାନଙ୍କ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହାକୁ ପାଖରେ ରଖିଥିବା ବେଳେ ଆଗାମୀ ଦିନରେ କିଛି ବି ଅଘଟଣ ଘଟାଇବା ଆଶଙ୍କାରେ ପୁଲିସ୍ ସେମାନଙ୍କୁ ଗିରଫ କରିବା ସହ କେସ୍ ନମ୍ବର ୩୪୨ରେ ଏକ ମାମାଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତିୟ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଚୋରୀ ବୃଦ୍ଧି ପାଇଥିବା ବେଳେ ଦଣ୍ଡନାଚ ସମୟରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ଯାଞ୍ଚ କଡକଡି କରାଯାଇଥିବା ସେ ପ୍ରକାଶ କରିଛନ୍ତିୟ ଅସାମାଜିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ସ୍ୱତନ୍ତ୍ର ଭାବେ ଅଭିଯାନ ଚାଲିଥିବା ବେଳେ ଏଭଳି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତଙ୍କ ବିରୋଧରେ ପୁଲିସ୍ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

ଜଳସମ୍ପଦ ଡ୍ରେନେଜ ବିଭାଗ କାମରେ ଘୋଟଲା

ଝିଙ୍ଗେଲ(ମହାଭାରତ): :ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଛକ ଠାରେ ନରୁଆ ସୁନ୍ଦରକଣି କୁ ସଂଯୋଗ କରୁଥିବା ଡ୍ରେନେଜ କାମରେ ମହା ଘୋଟଲା ଦେଖିବାକୁ ମିଳିଛି । ନରୁଆଛକ ଠାରୁ ତୁଳଙ୍ଗ କୁ ସଂଯୋଗ କରୁଥିବା ରାସ୍ତାରେ ଜଳସମ୍ପଦ ବିଭାଗ ର ଏକ ସୋ୦ ପକାଇ ପୋଲ ତିଆରି କରୁଥିବା ବେଳେ ମାତ୍ର ଆ୦ ଦିନ ନ ପୁରୁଣୁ ପୋଲ ଫାଟି ଆଁ କରିଥିବା ବେଳେ ସେଇ ପୋଲ କଡରୁ ମାଟି ଉଠାଇ ରାସ୍ତା କରୁଥିବା ବେଳେ ସ୍ଥାନୀୟ ଲୋକେ ମାନେ ସ୍ୱର ଉଠାଇ ବାରୁ ଠିକାଦାର ଓ ଯନ୍ତ୍ରି ଙ୍କ ମଧୁଚନ୍ଦ୍ରିକା ଏଠି ପଦାରେ ପଡ଼ିଛି । ଯାହାକି ଅନ୍ୟ ଠିକାଦାର କହିବା ମୁତାବକ ଯନ୍ତ୍ରି ଠିକାଦାର ଙ୍କ ଠାରୁ ପଣି ନେଇ କାମ ଉପରକୁ ନ ଆସିବା ଦ୍ୱାରା ଠିକାଦାର ମନଇଚ୍ଛା କାମ କରିଛି ।ଏଠାରେ ପ୍ରଶ୍ନ ଉଠୁଛି ଯଦି ବର୍ଷା ପାଣି ଅଧିକ ଆସେ ତାହାଲେ ପୋଲକୁ ଭସାଇ ନେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମାନେ ଆକଳନ କରିଛନ୍ତି।ଏହି ବାବଦରେ ଖୁବଶୀଘ୍ର ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ ଓ ଡ୍ରେନେଜ୍ ବିଭାଗର ଉପରିସ୍ତ ଯନ୍ତ୍ରି ଙ୍କୁ ଭେଟିବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପିଟିସନ ପକାଇଥିବା ଶୁଣିବାକୁ ମିଳିଛି ।

ମା' ପୁରୁଣେଇଁ ଯୁବ ପରିଷଦ ପକ୍ଷରୁ ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଦାନ ଉତ୍ସବ ପାଳିତ

କଣ୍ଟାପଡା, ୩।୪/(ମହାଭାରତ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅଧିନସ୍ଥ ସାଇଁଶୋ ଗ୍ରାମ ପଞ୍ଚାୟତର ସାଇଁଶୋ ଗ୍ରାମର ମା' ପୁରୁଣେଇଁ ଯୁବ ପରିଷଦ ପକ୍ଷରୁ ଆୟୋଜିତ ସରକାରୀ ସ୍ତରରେ ଯୁବ ପରିଷଦକୁ ସ୍ୱୀକୃତି ଅନୁଦାନ ପ୍ରାପ୍ତ ହୋଇଥିବା ଅବସରରେ ଏକ ସଭା ଗତ ଏପ୍ରିଲ୍ ୧ ଓଡିଶା ଦିବସରେ ମା' ପୁରୁଣେଇଁ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ସଭାରେ ସ୍ୱୀକୃତି ପ୍ରାପ୍ତ ହୋଇଥିବା ରେଜିଷ୍ଟ୍ରେସନ୍ ନମ୍ବରଟିକୁ ବହୁ ଆଡମ୍ବର ସହିତ ଯୁବ ପରିଷଦ ତରଫରୁ ଉନ୍ମୋଚିତ କରାଯାଇଛି। ଏହି ଉନ୍ମୋଚିତ ସଭା ମଞ୍ଚକୁ ପରିଚାଳନା କରିଥିଲେ ସାମ୍ବାଦିକ ଅଜୟ କୁମାର ଦାଶ। ଏହି ଉନ୍ମୁଚିତ ଶୁଭ ଅବସରରେ ମୁଖ୍ୟ ଅତିଥି ଭାବେ କଟକ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ଓ ସାଇଁଶୋ ଗ୍ରାମ ପଞ୍ଚାୟତର ସରପ□ ସରୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ସାଇଁଶୋ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତହିଦ୍ ଖାଁ, ଗବବସ୍ତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ପୂର୍ବତନ ଜେଲର୍ ଅଜୟ କୁମାର ଦାଶ, ଟ୍ୱିନ୍ ସିଟି ପ୍ରେସ୍ କ୍ଲବ୍‌ର ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜା, କଟକ ସଦର ପ୍ରେସ୍ କ୍ଲବ୍ ସଭାପତି ସୁରେନ୍ଦ୍ର ମହାପାତ୍ର, ଟ୍ୱିନ୍ ସିଟି ପ୍ରେସ୍ କ୍ଲବ୍ ର ସମ୍ପାଦକ ଡଃ. ଭବାନୀ ଶଙ୍କର ପାତ୍ର, ଉପ ସଭାପତି ସାମ୍ବାଦିକ ଗୁରୁ ପ୍ରସାଦ ମହାପାତ୍ର, ସାମ୍ବାଦିକ କିଶୋର କୁମାର ଭୋଇ, କଟକ ସଦର ପ୍ରେସ୍ କ୍ଲବ୍ ର ସାମ୍ବାଦିକ ଅଜୟ କୁମାର ଦାଶ, ସାମ୍ବାଦିକ କାନନ ବିହାରୀ ଦାସ, ସାମ୍ବାଦିକ ଆଦିତ୍ୟ ଛୋଟରାୟ, ମା' ପୁରୁଣେଇଁ ଯୁବ ପରିଷଦର ଆଇନ୍ ପରାମର୍ଶ ଦାତା ଡଃ. ପ୍ରଣବ କୁମାର ବିଶ୍ୱାଳ, ପରାମର୍ଶ ଦାତା ନିର୍ମଳ ଚନ୍ଦ୍ର ବେହେରା, ସଭାପତି ଭବାନୀ ଶଙ୍କର ପାରି, ଉପ ସଭାପତି ସଦାନନ୍ଦ ହୋତା, ସମ୍ପାଦକ ସନ୍ଦୀପ କୁମାର ବେହେରା, ସହ ସମ୍ପାଦକ ସୌମ୍ୟ ରଞ୍ଜନ ପାଣି, କୋଷାଧ୍ୟକ୍ଷ ନିଗମାନନ୍ଦ ଦାଶ ଏବଂ ଯୁବ ପରିଷଦ ଅନ୍ୟ ସମସ୍ତ ସଭ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ। ପରାମର୍ଶ ଦାତା ନିର୍ମଳ ଚନ୍ଦ୍ର ବେହେରା ଏହି ଯୁବ ପରିଷଦର ଆଭିମୁଖ୍ୟ ବିଷୟରେ ଆଲୋକ ପାତ କରିବା ସହିତ ବିଗତ ଫନି ବାତ୍ୟା ପରଠାରୁ ଗ୍ରାମର ଦୁଇଟି ଇଲେକ୍ଟ୍ରି ଟ୍ରାନ୍ସଫର୍‌ମର୍ ଠିକ୍ ଥିଲେ ବି ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇ ନ ପାରିବା ନେଇ କିପରି କାର୍ଯ୍ୟକାରୀ ହୋଇ ଗ୍ରାମବାସୀଙ୍କ କାର୍ଯ୍ୟରେ ଲାଗିବ ସେଥି ପାଇଁ ସାଇଁଶୋ ପଞ୍ଚାୟତ ସରପଞ୍ଚ, ଟ୍ୱିନ୍ ସିଟି ଓ କଟକ ସଦର ପ୍ରେସ୍ କ୍ଲବ୍ କୁ ମା' ପୁରୁଣେଇଁ ଯୁବ ପରିଷଦ ପକ୍ଷରୁ ଦାବି ଜଣାଇଥିଲେ। ଏହି ସ୍ୱୀକୃତିପ୍ରାପ୍ତ ରେଜିଷ୍ଟ୍ରେସନ୍ ଉତ୍ସବରେ ମା' ପୁରୁଣେଇଁ ଯୁବ ପରିଷଦ ଆଗାମୀ ଦିନରେ ସମାଜ ଉପଯୋଗୀ କାର୍ଯ୍ୟରେ ସଙ୍ଗଠନକୁ ନିୟୋଜିତ କରିବାର ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ମା' ପୁରୁଣେଇଁ ଯୁବ ପରିଷଦ ସଭାପତି ଭବାନୀ ଶଙ୍କର ପାରି ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ

ଜୁନାଗଡ଼,,ମହାଭାରତ,,କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପିଆଇ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇ ଯାଇଛି। ଆଜିର ଉଦଯାପିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜ ସେବୀ ଦୁର୍ଗାପ୍ରସାଦ ନାଏକ,କଲେଜ ଅଧକ୍ଷ ବିଭୁତି ମେହେର, ସମ୍ମାନିତ ଅତିଥି ଭାବେ କେଡିୟୁଜେ ସାଧାରଣ ସମ୍ପାଦକ ସନ୍ତୋଷ ସିଙ୍ଗଦେଓ, ସାମ୍ବାଦିକ ଖଗେଶ୍ୱର ଧଙ୍ଗଡାମାଝୀ, ବ୍ୟୋମକେଶ ପୁରୋହିତ, ରାକେଶ ବେମାଲ, ପ୍ରୋଗ୍ରାମ କୋଡ଼ିନେଟର ପୂର୍ଣମାସି ମାଝୀ, କ୍ରୀଡା ପ୍ରଶିକ୍ଷକ ତଥା ବରିଷ୍ଠ କ୍ରୀଡ଼ାବିତ ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେୟ ଆତ୍ମ ସୁରକ୍ଷା କୌଶଳ ଦ୍ୱାରା ଆଗାମୀ ଦିନରେ ଛାତ୍ରୀ ମାନେ ନିଜକୁ ସୁରକ୍ଷା ଦିଗରେ ଯତ୍ନଶୀଳ ହେବାକୁ ଅତିଥିମାନେ ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ।ପ୍ରଶିକ୍ଷିକା ଜଳି ପ୍ରରାଭୋଏଙ୍କ ସମେତ କୃତି ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।ଜୁନାଗଡ଼ ପିଆଇ କଲେଜ ଓ ଅଧକ୍ଷ ଆତ୍ମ ସୁରକ୍ଷା ପ୍ରଶିକ୍ଷଣରେ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବା କଲେଜ ଅଧକ୍ଷ ପ୍ରକାଶ କରିଥିଲେ।ଏହି ଉଦଯାପନି ଉତ୍ସବରେ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

ନୂଆଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ପାଦକ ନିଯୁକ୍ତିରେ ମହାଦୁର୍ନୀତି

ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃ ରେ ବ୍ୟାପକ ଦୁର୍ନୀତି । ବିଗତ ଦିନରେ ପୁରାତନ ସମ୍ପାଦକଙ୍କୁ ଚଞ୍ଚକତା କରି ବହିଷ୍କାର କରାଯାଇଥିବା ବେଳେ ନୂତନ ସମ୍ପାଦକ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ୱୟଂତନ୍ତ୍ର ସମବାୟ ବିଭାଗର ଏକ ଚିଠି ରେ ଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡିଛି । ନିର୍ବାଚନ ସମୟରେ ନିର୍ବାଚନ ଆଚରଣ ସଂହିତା ବିଧିକୁ

ପାଟଣା ପ୍ରକଳ୍ପ ସ୍କୁଲ ରେ ଖଡ଼ିଛୁଆ ଉତ୍ସବ ପାଳିତ

ପାଟଣା:-(ମହାଭାରତ)ରାଜ୍ୟ ବ୍ୟାପି ଆଜି ଶିକ୍ଷା ଅନୁଷ୍ଠାନ ଗୁଡିକରେ ସ୍କୁଲ ପ୍ରବେଶିକା ଓ ଖଡ଼ିଛୁଆ ଉତ୍ସବ ପାଳିତ ହୋଇଛି । ସେହି ପରି ପାଟଣା ବ୍ଲକ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଶିକ୍ଷା ଆନୁଷ୍ଠାନ ଗୁଡିକରେ ସ୍କୁଲ ପ୍ରବେଶିକା ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହେଉଛି। ଏଥି ମଧ୍ୟରେ ପାଟଣା ପ୍ରକଳ୍ପ ସ୍କୁଲ ରେ ମଧ୍ୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକା ଶୁଭାରମ୍ଭ ହୋଇ ଛି। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ନୂତନ ପ୍ରବେଶିକା ଛାତ୍ରଛାତ୍ରୀ ଙ୍କୁ ଖଡିଛୁଆଁ କରିବା ସହ ପାଠ୍ୟ ପୁସ୍ତକ ବ୍ୟାଗ୍ ପ୍ରଦାନ କରାଯାଇ ଛି। କାର୍ଯ୍ୟକ୍ରମ ରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ଓଝା,ସଚ୍ଚିଦାନନ୍ଦ ସେଠୀ,ପ୍ରକାଶ କୁମାର ରାୟ,ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ,ବ୍ଲକ ଅଧକ୍ଷା ବୀଣାପାଣି ନାଏକ, ୨୩ନଂ ଜିଲ୍ଲାପରିଷଦ ସଦସ୍ୟ ରୁନୁ ମହାନ୍ତ,ସମାଜ ସେବୀ ଅଜୟ କୁମାର ଦାଶ,ସ୍କୁଲ ପରିଚାଳନ କମିଟି ସଭାପତି କଳ୍ପତରୁ କର,ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାଏକ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମ କୁ କମଳାକାନ୍ତ ପତି,ସନ୍ତୋଷ କୁମାର ନାଏକ ସଂଯୋଜନା କରିଥିଲେ। ଏହି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକା କାର୍ଯ୍ୟକ୍ରମ ଶୁଭାରମ୍ଭ ରେ ଅଭିଭାବକ ଶିଶୁ ମାନଙ୍କୁ ନେଇ ନାମ ଲେଖା ଯିବା ସହ ଆଗାମୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ନାମ ଲେଖା ବାକୁ ଭ୍ରାମ୍ୟଣ ରଥ ବୁଲାଯାଇ ଥିବା ସ୍କୁଲ ପକ୍ଷ ରୁ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ଶେଷ ହେଲା ଧାନକିଣା

ମଣ୍ଡିକୁ ଆସିଲେନି ୨ ହଜାର ଚାଷୀ : ପୂରଣ ହେଲାନି ଟାର୍ଗେଟ୍

ନୟାଗଡ଼, (ମହାଭାରତ) : ଶେଷ ହେଲା ୨୦୨୪-୨୫ ଖରିଫ ବିପଣନ ଋତୁ ନିମନ୍ତେ ଚାଲିଥିବା ଧାନକିଣାୟ ଚଳିତ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଧାନକିଣାକୁ ନେଇ ବିବାଦ ଲାଗି ରହିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ନୟାଗଡ଼ ଜିଲ୍ଲାକୁ ଧାନ କିଣିବା ପାଇଁ ଯେତିକି ଟାର୍ଗେଟ୍ ଆସିଥିଲା, ତାହା ପୂରଣ ହୋଇପାରିନାହିଁ। କେବଳ ସେତିକି ନୁହେଁ, ଦୁଇ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବାକୁ ମଣ୍ଡିକୁ ଆସି ନଥିବା ଜଣାପଡ଼ିଛି। ଏହି ଚାଷୀମାନେ ମଣ୍ଡିକୁ ନ ଆସି ବେପାରିଙ୍କୁ ଧାନ ବିକ୍ରି କରି ଦେଇଥିବା ଅନୁମାନ କରାଯାଉଛି। ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତିଙ୍କ ସୂଚନା ମୁତାବକ, ଚଳିତ ବର୍ଷ ଜିଲ୍ଲାରେ ୧୫୩ ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧୀନରେ ଥିବା ୧୬୭ ମଣ୍ଡିରେ ଧାନ କିଣା ହୋଇଥିଲା। ଚଳିତ ବର୍ଷ ଚାଷୀମାନଙ୍କ ଠାରୁ ୧୭,୩୦,୩୩୫ କ୍ୱିଣ୍ଟାଲ୍ ଧାନ କିଣିବା ପାଇଁ ଟାର୍ଗେଟ୍ ନିଆଯାଇଥିବା ବେଳେ ଶେଷରେ ଆଜି ସୁଦ୍ଧା ୧୬,୯୩,୧୨୫ କ୍ୱିଣ୍ଟାଲ୍ ଧାନ କିଣାଯାଇଛି।ୟ ଚୁକ୍ତି ଅନୁଯାୟୀ ଜିଲ୍ଲାର ୧୫ ଜଣ ମିଲର ଧାନକିଣାରେ ସାମିଲ୍ ହୋଇଛନ୍ତି। ଏହା ସହ ୫୧,୬୮୨ ଜଣ ଚାଷୀ ମଣ୍ଡିକୁ ଆସି ଧାନ ବିକ୍ରି କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୧,୬୫୭ଜଣ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଯାଇଛି ବାକି ଚାଷୀ ମାନଙ୍କ ଆକାଉଣ୍ଟକୁ ଖୁବ୍‌ଶୀଘ୍ର ଟଙ୍କା ଯିବୟ ଅର୍ଥାତ ପଞ୍ଜୀକରଣ କରିଥିବା ଚାଷୀ ମାନଙ୍କ ମଧ୍ୟରୁ ୨,୧୮୨ ଜଣ

ଚାଷୀ ମଣ୍ଡିରେ ଧାନ ବିକ୍ରି କରିନାହାନ୍ତି। ଧାନ କିଣା ଟାର୍ଗେଟ୍ ପୂରଣ ନ ହେବା ସଂକ୍ରାନ୍ତରେ ଯୋଗାଣ ଅଧିକାରୀ ଙ୍କ ସୂଚନା ଅନୁଯାୟୀ ନୟାଗଡ଼ରେ ଯେତିକି ଟାର୍ଗେଟ୍ ରଖାଯାଇଥିଲା ଏହାର ୯୦ %ପ୍ରତିଶତ ଧାନ କିଣା ହୋଇପାରିଛି। ତଥାପି ଟାର୍ଗେଟ୍ କାହିଁକି ପୂରଣ ହେଲାନି, ଏ ନେଇ ତର୍ଜମା କରାଯିବ। ଜିଲ୍ଲାରେ ମୋଟ୍ ୫୩,୮୩୯ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ଯୋଗ୍ୟ ଥିଲେ। ଧାନକିଣାରେ ଶେଷ ପର୍ଯ୍ୟନ୍ତ ମଣ୍ଡି ବ୍ୟବସ୍ଥାରେ ସୁଧାର ଅଣାଯାଇପାରିଲା ନାହିଁୟ ମଣ୍ଡିଗୁଡ଼ିକରେ ମିଲର ରାଜ ଚାଲିଲା। କଟ୍ଟିଛଟ୍ଟି ନାଁରେ ଜୋର୍‌ବରଦସ୍ତ ଚାଷୀ ମାନଙ୍କ ଠାରୁ କ୍ୱିଣ୍ଟାଲ୍ ପ୍ରତି ୭ ରୁ ୧୦ କିଲୋ ପର୍ଯ୍ୟନ୍ତ ଧାନ କଟା ହେଲା। ପ୍ରତିବାଦ କରୁଥିବା ଚାଷୀ ମାନଙ୍କର ଧାନକୁ ଜାଣିଶୁଣି ମଣ୍ଡି ବାହାରେ ପକାଇ ରଖାଯାଉଥିବା ଭଳି ଅନେକ ଅଭିଯୋଗ ଆସିଛି। ଏହା ସହ ମଣ୍ଡିରେ ଧାନକୁ ଖରା ଓ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଆର୍ ଏମ୍ ସି ପକ୍ଷରୁ ପାଲ ବ୍ୟବସ୍ଥା ମଧ୍ୟ କରାଗଲା ନାହିଁୟ ସେଥିପାଇଁ ଚାଷୀମାନେ ମଣ୍ଡିକୁ ନ ଆସି ବାଧ୍ୟ ହୋଇ ବାହାର ରାଜ୍ୟର ବ୍ୟବସାୟୀ ମାନଙ୍କୁ ଦର-ଅଦରରେ ଧାନ ବିକ୍ରି କରିଛନ୍ତି। ଏ ସମ୍ପର୍କରେ ବିଭାଗ ସମ୍ପୂର୍ଣ୍ଣ ଅବଗତ ଥିଲେ ମଧ୍ୟ ଏ ନେଇ ଧାନକିଣା ସମୟରେ କିଛି ବି ପଦକ୍ଷେପ ନେଲାନାହିଁ। ଏଣୁ ଧାନ କିଣା ପୂର୍ବରୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିର କୌଣସି ମୂଲ୍ୟ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ନବମ ଶ୍ରେଣୀ ର ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ

ବଲାଙ୍ଗୀର (ମହାଭାରତ) ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ତାଲଜୁରୀ ରେ ବର୍ଣ୍ଣାଢ଼୍ୟ ପରିବେଶ ରେ ନୂତନ ଭାବରେ ପାଦ ଦେଇଥିବା ନବମ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା, ଆୟୋଜିତ ସଭାରେ ସ୍କୁଲ ର ପ୍ରଧାନ ଶିକ୍ଷକ ନେପାଲ ଚନ୍ଦ୍ର ମହାରଣା ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ସରପଞ୍ଚ ହିମାଞ୍ଚଲ୍ ମେହେର, ପୂରାତନ ସମିତି ସଭ୍ୟ ବିଜୟ ସାହୁ, ୟୁ ପି ସ୍କୁଲ ର ଚେୟାରମେନ କାମ ଧର ପତ୍ର, ସହକାରୀ ଶିକ୍ଷକ ନିର୍ମଳ କୁମାର ଏବଂ ଏହି ବିଦ୍ୟାଳୟ ର ଚେୟାରମେନ ଶ୍ରୀମତୀ ସସ୍ମିତା ବାଗ ଯୋଗଦେଇ ଥିଲେ, ଅନ୍ୟ ତମ ସମ୍ମାନୀତ ଅତିଥି ରୂପରେ ନିମନ୍ତ୍ରିତ ହୋଇଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ବିମଳ ସାହୁ, ବୁର୍ଡା ସମସ୍ତ ଙ୍କୁ ସ୍ୱାଗତ କରିଥଲେ ଶିକ୍ଷକ ସୁରେଶ୍ କୁମାର୍ ଦାସ ସଭା କୁ ପରିଚାଳନା କରିଥଲେ ଶିକ୍ଷକ ଦିଲିପ୍ କୁମାର ମିଶ୍ର, ବିଦ୍ୟାଳୟ ର ପ୍ରବେଶ ଦ୍ୱାର ରୁ ନୂତନ ଛାତ୍ର ମାନଙ୍କୁ ଫୁଲ ଚନ୍ଦନ ସାଥେ ସ୍ୱାଗତ ସ୍ଲୋଗାନ ଦେଇ ସ୍ୱାଗତ କରାଯାଇ ଥିଲା, ଖୁସିର କଥାଏହି ସ୍ୱାଗତ ସମାରୋହ ରେ ଗ୍ରାମର ଶତାଧିକ ବ୍ୟକ୍ତି ସ ହର୍ଷେ ସାମିଲ ଥିଲେ।, ବିଦ୍ୟାଳୟ ର ଉନ୍ନତି, ପାଠପଢ଼ା ତଥା ଛାତ୍ର ମାନଙ୍କ ଉପସ୍ଥାନ ଉପରେ ବକ୍ତା ମାନେ ନିଜର ନିଜର ମତାମତ ରଖିଥିଲେ, ଅଭିଭାଷଣ ରେ ଉଭୟ ନୂତନ ତଥା ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ଭାଷଣ ମଧ୍ୟ ହୃଦ ସ୍ପର୍ଶି ଥିଲା। କବି ତଥା ଶିକ୍ଷକ ଦିଲିପ୍ କୁମାର୍ ମିଶ୍ର ଙ୍କ ଏ ଅୟୋଜନ ଙ୍କୁ ଗ୍ରାମ ବାସୀ ଭୂରି ଭୂରି ପ୍ରଶଂସା କରିଥଲେ, ଶେଷରେ ଶିକ୍ଷକ ପ୍ରମାଦ କଲେତ ଙ୍କ ଧନ୍ୟବାଦ୍ ଓ ମିଷ୍ଟାନ୍ନ ବଣ୍ଟନ ପରେ ସଭା ସାଙ୍ଗ ହୋଇଥିଲା।

ଓଡିଆ ପକ୍ଷ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ

ନବରଙ୍ଗପୁର (ମହାଭାରତ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ, ଏପ୍ରିଲ ୧ ତାରିଖ ଠାରୁ ୧୪ ପର୍ଯ୍ୟନ୍ତ ଓଡ଼ିଶା ଓଡିଆ ପକ୍ଷ ପାଳନ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଶୋକ ମେହେଟା ସଭାଗୃହ ରେ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତା ରେ ଏପ୍ରିଲ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବେ ପାଳନ କରାଯିବା ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ତତଃପକ୍ଷେ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲାପାଳ ଡଃ ମହାପାତ୍ର ଅନୁରୋଧ କରିଥିଲେ । ଆଗାମୀ ୧୩ ତାରିଖ ରବିବାର ଦିନ ଜିଲ୍ଲା କାର୍ଯ୍ୟାଳୟ ମଧ୍ୟରେ ଏକ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରିବା ପାଇଁ

ସ୍ଥିରୀକୃତ ହୋଇଥିଲା ବୈଠକ ଶେଷରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀ ମାନେ ଫଟୋ ଉତ୍ତୋଳନ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲ୍ଲା ମୁଖ୍ୟ ଉତ୍ତୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ନବରଙ୍ଗପୁର, ବିରଞ୍ଚି ନାରାୟଣ ଦର୍ବାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉତ୍ତୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ନବରଙ୍ଗପୁର ଯଦୁମଣି ନାୟକ, ପ୍ରକଳ୍ପ ପ୍ରଶାସକ, ସମ୍ବନୀତ ଅଧିବାସୀ ଉତ୍ତୟନ ସଂସ୍ଥା, ରାଜୀବ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ଶେଖର ପାତ୍ର, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଶ୍ରୀମତୀ ଦ୍ରୌପଦୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମନୋଜ କୁମାର ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ଅଜୟ କୁମାର ମଲ୍ଲିକ, ଡେପୁଟି କଲେକ୍ଟର ଶ୍ରୀମତୀ ମୀରା ନାୟକ, ଚଇନୁ ଗଣ୍ଡ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ଅଶ୍ନି ମାଝୀ, ହେମନ୍ତ ସୌରା, ବିନାୟକ ଖଡଙ୍ଗା, ଶିବ ଶଙ୍କର ପାଢି, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀ କାଳୀନ ବିଭାଗ, ହିମାଂଶୁ ଶେଖର ପଟନାୟକ ଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପରିଚାଳନା କରିଥିଲେ।

ଆମ ପୋଷାକ ଆମ ପରିଚୟ ଦିବସ ପାଳିଲା ନୟାଗଡ଼ ଜିଲ୍ଲା ପ୍ରଶାସନ

ନୟାଗଡ଼ (ମହାଭାରତ) : ରାଜ୍ୟ ସରକାର ତରଫରୁ ହୋଇଥିବା ଘୋଷଣା ଆମ ପୋଷାକ ଆମ ପରିଚୟ ଦିବସ ପାଳନ ଅବସରରେ ନୟାଗଡ଼ ଜିଲ୍ଲାରେ ପୋଷାକ ପରିଧନ ଦିବସ କୁ ନେଇ ସରକାରୀ କର୍ମଚାରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଆଜି ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ଖଦୀ ପୋଷାକ ପିନ୍ଧି ନିଜ ନିଜ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଥିବା ଦେଖିବା ପାଇଁ ମିଳିଛି। ଏ ପରିକି ସମସ୍ତ ସରକାରୀ କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକାଠି ହୋଇ ଫଟୋ ଉଠାଇଥିଲେ। ରାଜ୍ୟ ସରକାର ଙ୍କ ଯୋଜନା ଅନୁସାରେ ଚଳିତ ମାସ ୧ ତାରିଖ ରୁ ୧୪ ପର୍ଯ୍ୟନ୍ତ ଯୋଡ ପକ୍ଷ ପାଳନ ହେଉଛି ତଦନୁସାରେ ଆଜି ଖଦୀ ବସ୍ତ୍ର ପରିଧନ ଦିବସ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ ଜିଲ୍ଲାର ସମସ୍ତ ବିଭାଗର ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ କର୍ମଚାରୀ ମାନେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଖଦୀ ବସ୍ତ୍ର ପରିଧନ କରିବା ପାଇଁ କୁହାଯାଇଛି। ଖଦୀ ବସ୍ତ୍ର ପରିଧନ ଦିବସଙ୍କୁ ସମସ୍ତେ ପାଳନ କରିବା ପାଇଁ କୁହାଯାଇଛି। କାରଣ ମୋ ପୋଷାକ ମୋ ପରିଚୟ ଦେଇଥାଏ ବୋଲି ରାଜ୍ୟ ସରକାର ଙ୍କ ପକ୍ଷରୁ କୁହାଯାଇଛି।

ଯୁବ ଔଷଧ ଦୋକାନୀଙ୍କର ଅକାଳ ବିୟୋଗ

ଯୁବ ଔଷଧ ଦୋକାନୀଙ୍କର ଅକାଳ ବିୟୋଗୟଅକାଳ ବିୟୋଗ ଆଜି ହୋଇଛି। ସେ ଦୀର୍ଘ ଦିନ ହେଲା ଭୁବନେଶ୍ୱର ରେ ରହି ଚିକିତ୍ସିତ ହୋଇ ଆସୁଥିଲେ।ତାଙ୍କର ନାମ ହେଲା ଦିଲିପ କୁମାର ସାହୁ ୪୦ ବର୍ଷ ବୋଲି ଜଣା ପଡିଛ।ତାଙ୍କର ଘର ଟାଙ୍ଗୀ ଗୋଡି ପାଟଣା ସାହିରେ. ସେ ଅବିବାହିତ ଥିଲେ। ତାଙ୍କର ଔଷଧ ଦୋକାନ ର ନାମ ଗଣପତି ଡ୍ରଗ ହାଉସ।ତାଙ୍କର ଏପରି ଅକାଳ ମୃତ୍ୟୁ ରେ ଟାଙ୍ଗୀ ଔଷଧ ବ୍ୟବସାୟୀ ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।ତାଙ୍କର ଅକାଳ ମୃତ୍ୟୁ କୁ ନେଇ ଟାଙ୍ଗୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ ରହିଥିଲା। ଏଥିରେ ଔଷଧ ବ୍ୟବସାୟୀ ବିରଞ୍ଚି ସାହୁ, ସରୋଜ କୁମାର ପାଇକରାୟ,ଅମୀୟ ରଂଜନ ସାହୁ,ସନ୍ତୋଷ କୁମାର ଜେନା, ସୁଦର୍ଶନ ସାହୁ,ସୁନିଲ କୁମାର ମହାନ୍ତି,ସୁମନ୍ତ ନାୟକ,ପ୍ରମୁଖ ଦିଲିପ ଙ୍କର ଶେଷ ଦର୍ଶନ କରିଥିଲେୟଆତ୍ମାର ସଦଗତି କାମନା କରିଥିଲେ।

ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦଘାଟିତ

କରଞ୍ଜିଆ, (ମହାଭାରତ) ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚମ୍ପାଝର ଆଶ୍ରମ ବିଦ୍ୟାଳୟ ପରିସରରୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଭାରାପ୍ରାପ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଉକ୍ତ ସଚେତନତା ରଥ ଟି ବ୍ଲକର ୧୮ ଖଣ୍ଡ ପଞ୍ଚାୟତରେ ଥିବା ସମସ୍ତ କ୍ଲଷ୍ଟାର ଓ ବିଦ୍ୟାଳୟ ଗୁଡିକୁ ୪ଦିନ ମଧ୍ୟରେ ପରିଦର୍ଶନ କରି ସଚେତନତା କରାଯିବ ବୋଲି ଜଣାପଡ଼ିଛି । ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଙ୍କୁ ସିଲଟ ଓ ଖଡି ଦେଇ ସ୍ୱାଗତ କରିବା ସହ ଖଡ଼ିଛୁଆଁ ହୋଇଥିଲେ । ଏହି ଅବସରରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଅଭିଭାବକ ସମେତ ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ଗଣ, ନିକଟସ୍ଥ ସ୍କୁଲ ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଶିକ୍ଷା ସଚେତନତା ରଥ ,ଖଡ଼ି ଛୁଆଁ ଓ ଶିଶୁ ବାଟିକା ଶୁଭାରମ୍ଭ

ଗଜପତି(ମହାଭାରତ): ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ବିଦ୍ୟାଳୟରେ ପିଲାଙ୍କ ଶିକ୍ଷା ସଚେତନତା ରଥ ,ଖଡ଼ି ଛୁଆଁ ଓ ଶିଶୁ ବାଟିକା ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଶିଶୁ ବାଟିକା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କ୍ରମରେ ଆଜି ସକାଳ ୭.୩୦ ଘଟିକା ସମୟରେ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଡ. ମାୟାଧର ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରାଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ସବୁଜ ପତାକା ଦେଖାଇ ୭ଟି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କଲେ, ଏହି ୭ଟି ଶିକ୍ଷା ସଚେତନତା ରଥ, ଜିଲ୍ଲାର ସମସ୍ତ ସାତ ଗୋଟି ବ୍ଲକକୁ ପରିଭ୍ରମଣକରି ଶିଶୁମାନଙ୍କୁ ଶିକ୍ଷା ଦିଗରେ ଆଗେଇ ଆଣିବା ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସଂସ୍ଥାନରେ ଭର୍ତ୍ତି କରିବାକୁ ନେଇ ପ୍ରୋତ୍ସାହନ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇପାରିବ ।ତତପରେ ଗୋସାଣୀ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆ କୋରାଣ୍ଡିଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଉପସ୍ଥିତ ରହି ପ୍ରବେଶ ଉତ୍ସବ ଏବଂ

ରାଷ୍ଟ୍ରପତି ମୁର୍ମୁଙ୍କୁ ଜିନ୍‌ପିଙ୍ଗ୍‌ଙ୍କ ଶୁଭେଚ୍ଛା ବାର୍ତ୍ତା

ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସହ ହାତ ମିଳାଇବାକୁ ପ୍ରସ୍ତୁତ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ପାଇଁ ଚୀନ୍ ଭାରତ ସହ ମିଶି କାମ କରିବାକୁ ପ୍ରସ୍ତୁତ ବୋଲି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ କହିଛନ୍ତି । ଭାରତ ଓ ଚୀନ୍ ମିଳିତ ସଫଳତାରେ ଅଂଶୀଦାର ହେବା ହିଁ ଶ୍ରେଷ୍ଠ ପନ୍ଥା ବୋଲି ସେ କହିଛନ୍ତି । ୨୦୨୦ରେ ପୂର୍ବ ଲଦାଖରେ ସାମରିକ ବିବାଦ ଯୋଗୁଁ ଚାରି ବର୍ଷ ଧରି ତିକ୍ତ ଥିବା ସମ୍ପର୍କ ଏବେ ସୁଧୁରିବାରେ ଲାଗିଥିବା ବେଳେ ଚୀନ୍ ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠାର ୭୫ତମ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇ ଜିନପିଙ୍ଗ୍ କହିଛନ୍ତି, ଭାରତ-ଚୀନ୍ ସମ୍ପର୍କ 'ଡ୍ରାଗନ୍-ହାତୀ ନୃତ୍ୟ'ର ରୂପ ନେବା ଉଚିତ । ସୂଚନାଯୋଗ୍ୟ, ଡ୍ରାଗନକୁ ଚୀନର ପ୍ରତୀକ ଏବଂ ହାତୀକୁ ଭାରତର ପ୍ରତୀକ ବୋଲି ବିବେଚନା କରାଯାଏ । ଜିନପିଙ୍ଗ୍ କହିଛନ୍ତି, ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ରଣନୈତିକ ଉଚ୍ଚତାକୁ ନେବା ଉଚିତ ଏବଂ ପାରସ୍ପରିକ ବିଶ୍ୱାସ ଓ

ପାରସ୍ପରିକ ଲାଭ ପାଇଁ ମିଳିତ ଭାବେ କାମ କରିବା ଏବେ ସମୟର ଆହ୍ୱାନ । ବହୁଧ୍ରୁବୀ ବିଶ୍ୱରେ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇ ଦେଶର ପ୍ରୟାସ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ଚୀନ୍ ରାଷ୍ଟ୍ରପତି କହିଛନ୍ତି । କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଅବସରରେ ଜିନପିଙ୍ଗ୍ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା, ପ୍ରମୁଖ ଆନ୍ତର୍ଜାତିକ ବ୍ୟାପାର ଉପରେ ଆଲୋଚନା ବୃଦ୍ଧି କରିବା ଏବଂ ଭାରତ-ଚୀନ୍ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ପାଇଁ ସେ ରାଷ୍ଟ୍ରପତି ମୁର୍ମୁଙ୍କ ସହ କାମ କରିବାକୁ ପ୍ରସ୍ତୁତ ଅଛନ୍ତି । ଦୁଇ ଦେଶ ବିଶ୍ୱ ଶାନ୍ତି ଓ ସମୃଦ୍ଧିରେ ଯୋଗଦାନ ଦେବା ଉପରେ ମଧ୍ୟ ଜିନପିଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି । ଭାରତ ଓ ଚୀନକୁ ପ୍ରାଚୀନ ସଭ୍ୟତା ବୋଲି ବର୍ଣ୍ଣନା କରି ଜିନପିଙ୍ଗ୍ କହିଛନ୍ତି ଯେ ଉଭୟ ଦେଶ ପ୍ରମୁଖ ବିକାଶଶୀଳ ଦେଶ ଏବଂ ଗ୍ଲୋବାଲ ସାଉଥର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ । କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀକୁ ଭାରତ-ଚୀନ୍ ସମ୍ପର୍କର ଦୃଢୀକରଣ ଏବଂ ସ୍ଥିର ବିକାଶକୁ ପ୍ରୋତ୍ସାହିତ କରିବାର ସୁଯୋଗ ଭାବେ ଗ୍ରହଣ କରିବାକୁ ଜିନପିଙ୍ଗ୍ ରାଷ୍ଟ୍ରପତି ମୁର୍ମୁଙ୍କୁ ପ୍ରସ୍ତାବ ଦେଇଛନ୍ତି ।

ଚର୍ଚ୍ଚାରେ ଆମେରିକା ଡେମୋକ୍ରାଟିକ ସିନେଟର

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆମେରିକାରେ ଡେମୋକ୍ରାଟିକ୍ ସିନେଟର କୋରୀ ବୁକର ନିଜ ଭାଷଣ ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି । ତାଙ୍କ ଭାଷଣ କୌଣସି ସାଧାରଣ ଭାଷଣ ନଥିଲା କି କିଛି ମିନିଟ୍ ନଥିଲା, ବରଂ ଏହା ୨୫ ଘଣ୍ଟାରୁ ଅଧିକ ଥିଲା । ସେଥିପାଇଁ ସେ ଏହି ଭାଷଣ ମାଧ୍ୟମରେ



୬୮ ବର୍ଷର ରେକର୍ଡ ଭାଙ୍ଗିଛନ୍ତି । ୫୫ ବର୍ଷୀୟ ବୁକର ୱାଶିଂଟନ ଡିସିରେ ଜନ୍ମଗ୍ରହଣ କରିଥିଲେ । ବୁକର ପିଲା ବେଳୁ ଉତ୍ତର ନ୍ୟୁଜର୍ସିକୁ ଚାଲି ଆସିଥିଲେ । ବୁକର ୟେଲ ଲ ସ୍କୁଲରୁ ସ୍କୁଲ ଓ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରୁ କଲେଜ ଶିକ୍ଷା ଶେଷ କରିଥିଲେ । କୋରୀ ବୁକର ନ୍ୟୁୟର୍କର ମେୟର ଥିବା ବେଳେ ଫେସବୁକ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ସହରର ପବ୍ଲିକ ସ୍କୁଲକୁ ୧୦୦ ମିଲିୟନ ଡଲାର ଦାନ କରିଥିଲେ । କୁହାଯାଏ ଯେ ରାଜନିତୀକୁ ଆସିବାରେ ବୁକରଙ୍କୁ ଜୁକରବର୍ଗ ହାତ ରହିଥିଲା ।

ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ, ୧୮ରୁ ଅଧିକ ମୃତ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଗୁଜୁରାଟର ବନାସକାଣ୍ଠା ଜିଲ୍ଲାର ଦୀସା ସହରରେ ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ, ଅଗ୍ନିଶମ ବାହିନୀ ସହିତ ଝଉଜର ଦଳ ଉଦ୍ଧାର ପାଇଁ ପହଞ୍ଚିଥିଲେ । ଏହି ଦୁର୍ଘଟଣା ସକାଳ ପ୍ରାୟ ୯ଟା ସମୟରେ ଘଟିଥିଲା । କାରଖାନାଟି ଧୁନଓ୍ୱା ରୋଡରେ ଅବସ୍ଥିତ

ବୋଲି କୁହାଯାଉଛି । ଦୀସା ଗ୍ରାମୀଣ ପୋଲିସ ଷ୍ଟେସନର ଇନ୍ସପେକ୍ଟର ବିଜୟ ଚୌଧୁରୀ କହିଛନ୍ତି ଯେ, ସହର ନିକଟରେ ଅବସ୍ଥିତ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ଏବଂ ପରେ ଅଗ୍ନିକାଣ୍ଡ ଘଟିବାରୁ ଅନେକ ଶ୍ରମିକ ଫସି ରହିଥିଲେ । ଅନ୍ୟପକ୍ଷରେ ବନାସକାଣ୍ଠା କଲେକ୍ଟର ମିହିର ପଟେଲ କହିଛନ୍ତି, ଆଜି ସକାଳେ ଆମେ ଡିସା ଶିଳ୍ପାଞ୍ଚଳରେ ଏକ ବଡ଼ ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇଲୁ । ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆକୁ ନିୟନ୍ତ୍ରଣ କରିଥିଲା । ଅନେକ ଆହତ ଶ୍ରମିକଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନାର ସ୍ଲାବ ଭୁଶୁଡ଼ି ପଡ଼ିଥିଲା । ନିଆଁ ଏତେ ଭୟଙ୍କର ଥିଲା ଯେ ଗୋଦାମର ଭଗ୍ନାବଶେଷ ୨୦୦ ମିଟର ଦୂରକୁ ଉଡ଼ି ଯାଇଥିଲା । ମୃତ ଶ୍ରମିକଙ୍କ ଶରୀରର ଅଂଶ ବହୁ ଦୂରକୁ ବିଛାଡ଼ି ପଡ଼ିଥିଲା । ଅଗ୍ନିକାଣ୍ଡ ଘଟଣା ପରେ, ଜେସିବି ସହାୟତାରେ ଭଗ୍ନାବଶେଷ ହଟାଯାଇଥିଲା ।

ବଢିପାରେ ପିଏନଜି ଏବଂ ସିଏନଜିର ମୂଲ୍ୟ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆଗାମୀ ଦିନରେ ସାରା ଦେଶରେ ପିଏନଜି ଏବଂ ସିଏନଜିର ମୂଲ୍ୟରେ ବୃଦ୍ଧି ଦେଖିବାକୁ ମିଳିପାରେ । ବାସ୍ତବରେ ସରକାର ଏପିଏମ ଅଧୀନରେ ଆସୁଥିବା ପୁରୁଣା କ୍ଷେତ୍ରରେ ଉତ୍ପାଦିତ ନାଚୁରାଲ ଗ୍ୟାସର ମୂଲ୍ୟରେ ୪ ପ୍ରତିଶତ ବୃଦ୍ଧି କରିଛନ୍ତି । ଏହି କ୍ଷେତ୍ରରେ ଉତ୍ପାଦିତ ଗ୍ୟାସ ସିଏନଜି, ବିଜୁଳି ଏବଂ ଖାଦ୍ୟର ଉତ୍ପାଦନ ପାଇଁ ପ୍ରମୁଖ ସାର ଅଟେ । ତେବେ ଏପିଏମ ଗ୍ୟାସର ଦର ବଢିବାରେ ସିଏନଜି ଦର ବଢିପାରେ । ଆସନ୍ତୁ ଜାଣିବା ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି, ଜନସାଧାରଣଙ୍କ ପକେଟ ଉପରେ କେତେ ପ୍ରଭାବ ପକାଇବ । ପେଟ୍ରୋଲିୟମ ମନ୍ତ୍ରାଳୟ ଅନ୍ତର୍ଗତ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ ଅର୍ଥାତ ପିପିଏସିର ନୋଟିଫିକେସନରେ କୁହାଯାଇଛି ଯେ, ଏପିଏମ ଗ୍ୟାସର ଦର ୧ ଏପ୍ରିଲରୁ ୬.୫୦ ଡଲାର ପ୍ରତି ୟୁନିଟରେ ବଢାଇ ଯାଇ ପ୍ରତି ୟୁନିଟ୍ ପିଛା ୬.୭୫ ଡଲାର କରାଯାଇଛି । ଏପିଏମ ଗ୍ୟାସ ସରକାରୀ ଅଏଲ କମ୍ପାନୀଗୁଡ଼ିକ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ କରପୋରେସନ ଏବଂ ଅଏଲ ଇଣ୍ଡିଆ ଲି. ଦ୍ୱାରା ସେହି କ୍ଷେତ୍ରରେ ଉତ୍ପାଦନ କରାଯାଉଛି । ଏହି କ୍ଷେତ୍ରରେ ଉତ୍ପାଦିତ ଗ୍ୟାସର ଉପଯୋଗ କଟ୍ଟ ମାଲ୍ ଭାବେ ପାଇପ୍ ଜରିଆରେ ରୋଷେଇ ଗ୍ୟାସ ସହ ବାହନ ଚଳାଚଳ ପାଇଁ ସିଏନଜି ଏବଂ ସାର ଓ ଶକ୍ତି ଉତ୍ପାଦନ ପାଇଁ ବ୍ୟବହୃତ ହୁଏ

ସେନା ଗୁଳିରେ ୪ ଅନୁପ୍ରବେଶକାରୀ ନିହତ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ଥିବା ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ପାକିସ୍ତାନ ସେନା ମଙ୍ଗଳବାର ଦିନ ଯୁଦ୍ଧବିରତି ଚୁକ୍ତିର ଉଲ୍ଲଂଘନ କରିଛି । ଏହି ଘଟଣାରେ ପାକିସ୍ତାନୀ ସେନା ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ସହ କୃଷ୍ଣା ଘାଟି ଅଞ୍ଚଳରେ ଅନାବଶ୍ୟକ ଗୁଳିଚାଳନା ଆରମ୍ଭ କରିଥିଲା । ଯାହାର ଜବାବରେ ଭାରତୀୟ ସେନା କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂତ୍ରରୁ ପ୍ରକାଶ ଯେ, ଏହି ଗୁଳିବିନିମୟରେ ପାକିସ୍ତାନ ପକ୍ଷରେ ବହୁତ କ୍ଷୟକ୍ଷତି ହୋଇଛି । ଯେଉଁଥିରେ ୪-୫ ଜଣ ଅନୁପ୍ରବେଶକାରୀ ନିହତ ହୋଇଥିବା ସୂଚନା ମିଳିଛି । ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନୀ ସେନା ଓ ଅନୁପ୍ରବେଶକାରୀମାନେ ପ୍ରଥମେ ଗୁଳିଚାଳନା ଆରମ୍ଭ କରିଥିଲେ । କିନ୍ତୁ ଭାରତୀୟ ସେନା ଏହାର ଦୃଢ଼ ଜବାବ ଦେଇ ପାକିସ୍ଥାନର ଅନୁପ୍ରବେଶ ପ୍ରୟାସକୁ ବିଫଳ କରିଦେଇଛି । ଏହି ଘଟଣା କୃଷ୍ଣା ଘାଟି ଅଞ୍ଚଳରେ ଘଟିଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଅନେକ ସମୟ ଧରି ଗୁଳିବିନିମୟ ଚାଲିଥିଲା । ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ଏହି ଅଞ୍ଚଳରେ ମୁତୟନ ରହିଛି ବୋଲି ସୂଚନା ପ୍ରଦାନ କରିଛି ।ସୂଚନା ଅନୁସାରେ, ସାମ୍ପ୍ରତିକ ମାସରେ ପାକିସ୍ତାନ ପକ୍ଷରୁ ଏହା ପ୍ରଥମ ଯୁଦ୍ଧବିରତି ଉଲ୍ଲଂଘନ ଘଟଣା । ଯାହାକୁ ଭାରତୀୟ ସେନା ସ୍ୱୀକାର କରିବା ସହ ଏହା ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହା ପୂର୍ବରୁ ଫେବୃଆରୀ ମାସରେ ମଧ୍ୟ କୃଷ୍ଣା ଘାଟି ସେକ୍ଟରରେ ସମାନ ଢଙ୍ଗରେ ଗୁଳିବିନିମୟର ଖବର ପ୍ରକାଶ ପାଇଥିଲା । ଭାରତୀୟ ସେନା ପକ୍ଷରୁ କୌଣସି ଜୀବନହାନି କିମ୍ବା ସମ୍ପତ୍ତି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି । ଦକ୍ଷିଣ ପିର ପଞ୍ଜାଲ ଅଞ୍ଚଳରେ ଗତ ଦୁଇ ମାସ ମଧ୍ୟରେ ସୀମାପାର ଗୁଳିଚାଳନା ଘଟଣାରେ ନାଟକୀୟ ଭାବେ ବୃଦ୍ଧି ପରିଲକ୍ଷିତ ହୋଇଛି । ସେନା ସୂତ୍ରରୁ ପ୍ରକାଶ ଯେ, ପାକିସ୍ତାନ ଏହି ଅଞ୍ଚଳରେ ବାରମ୍ବାର ଅନୁପ୍ରବେଶର ପ୍ରୟାସ କରୁଛି । କିନ୍ତୁ ପ୍ରତ୍ୟେକ ଥର ଭାରତୀୟ ସେନା ଏହାକୁ ବିଫଳ କରିଦେଉଛି ।

କାମରାଙ୍କୁ ତୃତୀୟ ସମନ ପଠାଇଲା ମୁମ୍ବାଇ ପୁଲିସ୍

ମୁମ୍ବାଇ,୩।୪(ଏଜେନ୍ସି): ବିବାଦରେ ଛନ୍ଦି ହୋଇ ହୋଇ ଯାଉଛନ୍ତି ହାସ୍ୟ ଅଭିନେତା । ମହାରାଷ୍ଟ୍ରର ମୁମ୍ବାଇ ପୁଲିସ୍ ହାସ୍ୟ ଅଭିନେତା କୁନାଲ କାମରାଙ୍କୁ ତୃତୀୟ ସମନ ପଠାଇଛି । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନା କାମରା କରିଥିବା ବ୍ୟଙ୍ଗକୁ ନେଇ ଏହି ସମନ ପଠାଯାଇଛି । ଏହି ମାମଲାରେ ପୁଲିସ୍ ଏକ ଏଫଆଇଆର ରୁଜୁ କରିଛି । କୁନାଲ କାମରାଙ୍କୁ ମାଡ୍ରାସ ହାଇକୋର୍ଟରୁ ଏପ୍ରିଲ ୭ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଜାମିନ ମିଳିଛି । ଏହି ସପ୍ତାହର ଆରମ୍ଭରେ ସେ ତଦନ୍ତରେ ଯୋଗଦେବାର ଆଶା କରାଯାଉଥିଲା, କିନ୍ତୁ ସେ ଆସି ନଥିଲେ । ତେଣୁ, ଖାର ପୁଲିସ ତାଙ୍କୁ ତୃତୀୟ ସମନ ପଠାଯାଇଛି । ପୁଲିସ ସୂତ୍ର ଅନୁଯାୟୀ, ତାଙ୍କୁ ଏପ୍ରିଲ ୫ ସୁଦ୍ଧା ତଦନ୍ତରେ ଯୋଗଦେବାକୁ କୁହାଯାଇଛି । ସୂତ୍ରରୁ ଜାଣିବାକୁ ମିଳିଛି ଯେ ଖାର ପୁଲିସ କିଛି ଦର୍ଶକଙ୍କୁ ନୋଟିସ୍ ପଠାଇଛ । ଫେବୃଆରି ୧୨ ତାରିଖରେ ଖାରର ହାବିଟାଟ୍ ଷ୍ଟୁଡିଓରେ କାମରାଙ୍କ ଷ୍ଟାଣ୍ଡ-ଅପ୍ ସୋ'ରେ ଏହି ଦର୍ଶକମାନେ ଉପସ୍ଥିତ ଥିଲେ । କାମରା ସେହି ସୋ'ରେ ସିନ୍ଦେଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ । ନୋଟିସରେ, ଦର୍ଶକମାନଙ୍କୁ ପୁଲିସ ଷ୍ଟେସନକୁ ଆସି ସାକ୍ଷୀ ଭାବରେ ସେମାନଙ୍କର ବୟାନ ରେକର୍ଡ କରିବାକୁ କୁହାଯାଇଛି । ବରିଷ୍ଠ ପୁଲିସ ଅଧିକାରୀମାନେ ଏହି ବିଷୟରେ କୌଣସି ମତାମତ ଦେଇନାହାଁନ୍ତି । ପ୍ରଥମ ମାମଲାରେ ପୁଲିସ ତାଙ୍କୁ ଦୁଇଟି ସମନ ପଠାଇଥିଲା, କିନ୍ତୁ କାମରା ପୁଲିସ ସମ୍ମୁଖରେ ହାଜର ହୋଇ ନଥିଲେ ।

ମହଙ୍ଗା ହେଲା ୧୦୦୦ ରୁ ଅଧିକ ଔଷଧ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଦେଶର କୋଟି କୋଟି ସାଧାରଣ ଲୋକଙ୍କ ପାଇଁ ଆସିଛି ଏକ ଖରାପ ଖବର । ଆଜି ଅର୍ଥାତ ୧ ଏପ୍ରିଲରୁ ୯୦୦ ରୁ ଅଧିକ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ୧.୭୪ ପ୍ରତିଶତ ବୃଦ୍ଧି ପାଇବ । ଏହା ସହିତ ସାଧାରଣ ଲୋକଙ୍କ ଔଷଧ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ସଞ୍ଚୟ ହ୍ରାସ ପାଇବ । ଆଜିଠାରୁ ମହଙ୍ଗା ହେବାକୁ ଥିବା ମେଡିସିନରେ ଇନଫେକସନ୍, ଡାଇବେଟିସ୍ ଓ ହାର୍ଟର ମେଡିସିନ୍ ମଧ୍ୟ ସାମିଲ । ତେବେ ଭାରତରେ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ କେନ୍ଦ୍ର ସରକାରଙ୍କ ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନପିପିଏ) ଦ୍ୱାରା ନିର୍ଣ୍ଣୟ କରାଯାଏ । ପୂର୍ବ ବର୍ଷର ହୋଲସେଲ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ)କୁ ଧ୍ୟାନରେ ରଖି ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ହ୍ରାସ କିମ୍ବା ବୃଦ୍ଧି କରାଯାଏ । ଏନପିପିଏ ଏକ ବିବୃତ୍ତିରେ କହିଛି ଯେ, ୨୦୨୩ କ୍ୟାଲେଣ୍ଡର ବର୍ଷ ତୁଳନାରେ ୨୦୨୪ ମସିହାରେ ଡବ୍ଲୁପିଆଇରେ ପରିବର୍ତ୍ତନ (+) ୧.୭୪୦୨୮% ରେକର୍ଡ କରାଯାଇଥିଲା । ଔଷଧ ନିର୍ମାତାମାନେ ଏହି ଡବ୍ଲୁପିଆଇ ଉପରେ ଆଧାରିତ ନିର୍ଦ୍ଧାରିତ ଫର୍ମୁଲେସନର ସର୍ବାଧିକ ଖୁଚୁରା ମୂଲ୍ୟ ବୃଦ୍ଧି କରିପାରିବେ ଏବଂ ଏ ସମ୍ପର୍କରେ ସରକାରଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ ହେବ ନାହିଁ । ମ୍ୟାଲେରିଆ, ଆଣ୍ଟିଭାଇରାଲ, ଆଣ୍ଟିବାୟୋଟିକ୍ ଔଷଧର ମୂଲ୍ୟ ବୃଦ୍ଧି ପାଇବ । ସରକାରଙ୍କ ଏହି ନିର୍ଦ୍ଦେଶ ପରେ, ଆଣ୍ଟିବାୟୋଟିକ୍ ଆଜିଥ୍ରୋମାଇସିନର ମୂଲ୍ୟ ପ୍ରତି ଟାବଲେଟ୍ ପିଛା ୧୧.୮୭ ଟଙ୍କା (୨୫୦ ମିଲିଗ୍ରାମ) ଏବଂ ୨୩.୯୮ ଟଙ୍କା (୫୦୦ ମିଲିଗ୍ରାମ) ହେବ । ଆମୋକ୍ସିସିଲିନ୍ ଏବଂ କ୍ଲାଭ୍ୟୁଲାନିକ୍ ଏସିଡ୍ ଫର୍ମୁଲେସନ୍ ସହିତ ଆଣ୍ଟିବ୍ୟାକ୍ଟେରିଆଲ୍ ଡ୍ରାଏ ସିରପ୍ ର ମୂଲ୍ୟ ମିଲିଗ୍ରାମ ପିଛା ୨.୦୯ ଟଙ୍କା ହେବ । ଆସାଇକ୍ଲୋଭିର ଭଳି ଆଣ୍ଟିଭାଇରାଲର ମୂଲ୍ୟ ଟାବଲେଟର ପିଛା ୭.୭୪ ଟଙ୍କା (୨୦୦ ମିଲିଗ୍ରାମ) ଏବଂ ୧୩.୯୦ ଟଙ୍କା (୪୦୦ ମିଲିଗ୍ରାମ) ହେବ । ସେହିପରି, ମ୍ୟାଲେରିଆ ଚିକିତ୍ସା ପାଇଁ ବ୍ୟବହୃତ ହାଇଡ୍ରୋକ୍ସାଇକ୍ଲୋରୋକ୍ୱିନର ମୂଲ୍ୟ ଟାବଲେଟ ପିଛା ୬.୪୭ ଟଙ୍କା (୨୦୦ ମିଲିଗ୍ରାମ) ଏବଂ ୧୪.୦୪ ଟଙ୍କା (୪୦୦ ମିଲିଗ୍ରାମ) ହେବ ।

ଭାରତ ଆସିବାକୁ ସୁନୀତାଙ୍କ ଇଚ୍ଛା

ୱାସିଂଟନ,୩।୪(ଏଜେନ୍ସି): ଭାରତ ଆସିବେ ଭାରତୀୟ ବଂଶୋଦ୍ଭବ ସୁନୀତା । ନିଜ ବାପଘରକୁ ଫେରିବେ ମହାକାଶଚାରୀ ସୁନୀତା ୱିଲିୟମ୍ସ । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ଇଚ୍ଛା ଏବଂ ଭାରତ ଆସିବାର ଆଗ୍ରହକୁ ପ୍ରକାଶ କରିଛନ୍ତି ସୁନୀତା । ଭାରତର ଗୁଜୁରାଟରେ ସୁନୀତା ୱିଲିୟମ୍ସଙ୍କ ଘର । ତାଙ୍କ ବାପା ଦୀପକ ପାଣ୍ଡେ ଗୁଜୁରାଟରେ ରୁହନ୍ତି ତେଣୁ ସେ ତାଙ୍କ ବାପାଙ୍କ ସହର ଏବଂ ବାପାଙ୍କ ଦେଶକୁ ଫେରି ଆସିବାକୁ ଚାହୁଁଛନ୍ତି । ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଏଠାକାର ଲୋକଙ୍କ ସହ ମିଶିବାକୁ ସେ ଭାରି ଆଗ୍ରହୀ ବୋଲି କହିଛନ୍ତି । ମହାକାଶରେ ଯେତେବେଳେ ୯ ମାସ ପାଇଁ ସେ ଫସି ରହିଥିଲେ ତାଙ୍କ ସ୍ପେସ୍ କ୍ରାଫ୍ଟ ଅନେକ ସମୟରେ ହିମାଳୟ ଉପର ଦେଇ ଗତି କରୁଥିଲା ଯାହାକୁ ସେ ପାଖରୁ ଦେଖିବାକୁ ଇଚ୍ଛା କରିଛନ୍ତି । ଭାରତ ଆସି ଇସ୍ରୋର ବୈଜ୍ଞାନିକଙ୍କ ସହ ଭେଟିବାକୁ ମଧ୍ୟ ସୁନୀତାଙ୍କର ଆଗ୍ରହ ରହିଛି । ୯ ମାସରେ କେମିତି ଥିଲା ମହାକାଶର ଅନୁଭୂତି ଇସ୍ରୋ ଆସି କହିବାକୁ ମଧ୍ୟ ସେ ଚାହୁଁଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ତେବେ ଭାରତ ବିଷୟରେ ନିଜ ମତ ରଖି ସୁନୀତା କହିଛନ୍ତି, ଏହା ଏକ ସୁନ୍ଦର ରାଷ୍ଟ୍ର । ମହାକାଶରେ ଥିବାବେଳେ ଯେତେବେଳେ ବି ସେ ଭାରତ ଉପରେ ଦେଇ ଯାଉଥିଲେ, ସେ ମହାକାଶରୁ ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଥିଲେ । ହିମାଳୟ ପାଦଦେଶ, ଜମ୍ମୁକାଶ୍ମୀର ଠାରୁ ଆରମ୍ଭ କରି ଗୁଜରାଟ, ମହାରାଷ୍ଟ୍ର ଆଦି ଅନେକ ସ୍ଥାନର ଫଟୋ ସେ ମହାକାଶରୁ ଉଠାଇଥିବା କହିଛନ୍ତି । ଆଗକୁ ସମୟ ଆସିଲେ ଭାରତ ଆସିବେ । ଇସ୍ରୋ ସହ ମିଶି କାମ କରିବାର ସୁଯୋଗ ମିଳିଲେ ନିଶ୍ଚିତ ଭାବେ କାମ କରିବେ ବୋଲି କହିଛନ୍ତି ସୁନୀତା ।

ଭୂକମ୍ପରେ ଥରିଲା ପାକିସ୍ତାନ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ମିଆଁମାର ଥାଇଲାଣ୍ଡ ପରେ ଭୂମିକମ୍ପରେ ଥରିଲା ପାକିସ୍ତାନ । ଆଜି ଭୋର ପ୍ରାୟ ୩ଟାରେ ପାକିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପର ତୀବ୍ରତା ପାଖାପାଖି ୪.୩ ରହିଛି । ବର୍ତ୍ତମାନସୁଦ୍ଧା କୌଣସି କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। ଏହାପୂର୍ବରୁ ଗତକାଲି ବେଲୁଚିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଇଦ୍ ଦିନ କରାଚୀରେ ହୋଇଥିବା ଭୂମିକମ୍ପର କିଛି ଘଣ୍ଟା ପରେ

ବ୍ୟାଟରଙ୍କ ପରେ ବୋଲରଙ୍କ କରିସ୍ମା

କେକେଆର୍‌ଠୁ ୮୦ ରନରେ ହାରିଲା ହାଇଦ୍ରାବାଦ

କୋଲକାତା,୩।୪: ପ୍ରଥମେ ବ୍ୟାଟର ଓ ପରେ ବୋଲରଙ୍କ ଘାତକ ବୋଲିଂରେ ଘାଇଲା ସନ୍ ରାଇଜର୍ସ ହାଇଦ୍ରାବାଦ। ମାତ୍ର ୧୨୦ ରନରେ ଅଳଅ।ଉଟ୍ ହୋଇଛି ଦଳ। ଫଳରେ କୋଲକାତା ନାଇଟ୍ ରାଇଡର୍ସକୁ ବଡ଼ ବିଜୟ ମିଳିଛି । ୮୦ ରନରେ ମ୍ୟାଚ୍ କୁ ଜିତି ନେଇଛି ଦଳ । ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଅ।ରୋରା ଜବରଦସ୍ତ ବୋଲିଂ କରିଛନ୍ତି । ଉଭୟଙ୍କୁ ୩ଟି ଲେଖାଏଁ ୱିକେଟ୍ ମିଳିଛି। ଚଳିତ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସର ଏହା ଦ୍ୱିତୀୟ ବିଜୟ ।

ଆଇପିଏଲର ୧୫ତମ ମୁକାବିଲା ଇଡେନ ଗାର୍ଡେନରେ ଖେଳାଯାଇଛି। ମୁହାଁମୁହିଁ ହୋଇଥିଲେ କୋଲକାତା ନାଇଟ୍ ରାଇଡର୍ସ ଓ ସନ୍ ରାଇଜର୍ସ ହାଇଦ୍ରାବାଦ। ଟସ୍ ଜିତି ଘରୋଇ ଦଳକୁ ବ୍ୟାଟିଂ ପାଇଁ ଅ।ମନ୍ତ୍ରଣ କରିଥିଲା। ଏସଅ।ରଏଚ୍ ତେବେ ନିର୍ଦ୍ଧାରିତ କୋଡିଏ ଓଭରରେ ୬ ୱିକେଟ୍ ହରାଇ କେକେଅ।ର୍ ୨୦୦ ରନ୍ କରିଥିଲା । ଫଳରେ ପ୍ୟାଟ୍ କମିନ୍ସଙ୍କ ହାଇଦ୍ରାବାଦକୁ ୨୦୧ ରନର ଟାର୍ଗେଟ୍ ମିଳିଥିଲା। କୋଲକାତା ପକ୍ଷରୁ ଯୁବ ତାରକା ରଘୁବଂଶୀ ଦମଦାର୍ ବ୍ୟାଟିଂ ଦେଖାଇଥିଲେ। ସେ ମାତ୍ର ୩୨ ବଲ୍ ଖେଳି ୫୦ ରନ୍ ସଂଗ୍ରହ କରିଥିଲେ । ଏହାପରେ ଭେଙ୍କଟେସ୍ ଅ।ୟର ଓ ରିଙ୍କୁ ସିଂ ଏସଅ।ରଏଚ ବୋଲରଙ୍କ ଉପରେ ପ୍ରହାର କରିଥିଲେ।ଅ।ୟର ୨୯ଟି ବଲ୍ ଖେଳି ୨୦୬ ଷ୍ଟ୍ରାଇକ୍ ରେଟରେ ସର୍ବାଧିକ ୬୦ ରନ୍ ସଂଗ୍ରହ କରିଥିଲେ। ସେହିପରି ରିଙ୍କୁ ସିଂହ ୧୭ ବଲରେ ୩୨ ରନ କରିଛନ୍ତି। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି, ପ୍ୟାଟ୍ କମିନ୍ସ, ଜିଶାନ ଅନସାରୀ, ହର୍ଷାଲ୍ ପଟେଲ ଓ କାମୁଣ୍ଡୁ ମେଣ୍ଡିସ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

ଏପଟେ ୨୦୧ ରନର ଟାର୍ଗେଟକୁ ପିଛା କରି ପଡ଼ିଅ।କୁ ଓହ୍ଲାଇଥିଲା ସନ୍ ରାଇଜର୍ସ ହାଇଦ୍ରାବାଦ। ଦୁଇ ଓପନର ଟ୍ରାବିସ୍ ହେଡ୍ ଓ ଅଭିଷେକ୍ ଶର୍ମା ବ୍ୟାଟିଂ ଅ।ରମ୍ଭ କରିଥିଲେ। ମାତ୍ର ପ୍ରଥମ ଓଭରରେ ପ୍ରାରମ୍ଭିକ ଝଟକା ଦେଇଥିଲା କେକେଅ।ର୍ ହେଡ୍‌ଙ୍କୁ ପ୍ରଥମ ଓଭରରେ ଶିକାର କରିନେଇଥିଲେ ବୈଭବ ଅ।ରୋରା ଏହା ପରେ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଅଭିଷେକ୍ ଅ।ଉଟ୍ କରିଥିଲେ। ସେହିପରି ଇଶାନ କିଷାନ ମାତ୍ର ୫ଟି ବଲ୍ ଖେଳି ଅ।ଉଟ୍ ହୋଇଥିଲେ । ଫଳରେ ଏସଅ।ରଏଚ୍ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହା ପରେ କେକେଅ।ର୍‌ର ସ୍ପିନ୍ ଅ।ଟାକରେ ଭୁଶୁଡ଼ିପଡ଼ିଥିଲା ହାଇଦ୍ରାବାଦ ବ୍ୟାଟିଂ ଲାଇନ୍ ଅପ୍ ୧୬.୪ ଓଭର ଦଳ ୧୨୦ ରନ୍ କରି ସମସ୍ତ ୱିକେଟ୍ ହରାଇ ହୋଇଥିଲା ଦଳ । ଯାହା ଫଳରେ କୋଲକାତା ନାଇଟ୍ ରାଇଡର୍ସକୁ ୮୦ରନ୍‌ର ବଡ଼ ବିଜୟ ମିଳିଛି । ତିନୋଟି ୱିକେଟ୍ ନେଇ ବୈଭବ ଅ।ରୋରା ମ୍ୟାନ୍ ଅଫ୍ ଦି ପ୍ଲେୟାର ହୋଇଛନ୍ତି।

ଗୁଜରାଟକୁ ଝଟ୍‌କା

ସ୍ୱଦେଶ ଫେରିଗଲେ ରାବାଡା

ନୂଅ।ଦିଲ୍ଲୀ,୩।୪: ଦକ୍ଷିଣ ଅ।ଫ୍ରିକୀୟ ପେସ ବୋଲର କାଗିସୋ ରାବାଡା ବ୍ୟକ୍ତିଗତ କାରଣ ଯୋଗୁ ସ୍ୱଦେଶ ଫେରି ଯାଇଛନ୍ତୀ ଏ ନେଇ ତାଙ୍କ ଅ।ଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସ (ଜିଟି) ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ରାବାଡା କେତେ ସମୟ ପର୍ଯ୍ୟନ୍ତ ଅ।ଇପିଏଲ୍‌ରୁ ଦୂରେଇ ରହିବେ, ସେ ସମ୍ପର୍କରେ ଗୁଜରାଟ ଟାଇଟନ ପକ୍ଷରୁ କିଛି ସୂଚନା ଦିଅ।ଯାଇ ନାହିଁ।

ଚଳିତ ଅ।ଇପିଏଲ୍‌ରେ ସେ ଦୁଇଟି ମ୍ୟାଚ ଖେଳିଛନ୍ତି ରାବାଡା ଗୁରୁପୂର୍ଣ୍ଣ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ସ୍ୱଦେଶ ଫେରିଛନ୍ତି ବୋଲି ଗୁଜରାଟ ପକ୍ଷରୁ କୁହାଯାଇଛି। ରାବାଡାଙ୍କ ଅନୁପସ୍ଥିତିରେ ଜିଟି ତାଙ୍କ ଦକ୍ଷିଣ ଅ।ଫ୍ରିକୀୟ ସାଥି ଜେରାଲ୍ଡ କୋଏଟଜୀ କିମ୍ବା ଅ।ଫଗାନିସ୍ତାନର ଅଲ୍‌ରାଉଣ୍ଡର କରିମ ଜନତଙ୍କୁ ଖେଳାଇପାରେ।

ଅରେଞ୍ଜ କ୍ୟାପ୍ ରେସ୍‌ରେ ଆୟାର

ନୂଅ।ଦିଲ୍ଲୀ ୦୩।୦୪: ଅ।ଇପିଏଲ୍ ୨୦୨୫ର କଥା ଯଦି କହିବା ତେବେ ଏଥର ବିରାଟ କୋହଲି କିମ୍ବା ଶୁଭମନ ଗିଲ ଭଳି ପ୍ରସିଦ୍ଧ ବ୍ୟାଟର ନୁହଁନ୍ତି ବରଂ ୩ଜଣ ନୂଅ। ଭାରତୀୟ ଷ୍ଟାର ବ୍ୟାଟର କରୁଛନ୍ତି ରନ୍ ବର୍ଷା।

ଲିଷ୍ଟର ପ୍ରଥମରେ ରହିଛନ୍ତି ସାଇ ସୁଦର୍ଶନ। ସେ ୨୦୨୩ରୁ ଗୁଜୁରାଟ ଟାଇଟାନ୍ସ ଟିମ୍‌ରେ ରହିଛନ୍ତି ସାଇ ସୁଦର୍ଶନ ଗୁଜରାଟର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ଜଣେ। ଏପର୍ଯ୍ୟନ୍ତ ୨୦୨୫ ସେ ୨ଟି ଇନିଂସରେ ୧୩୭ ରନ କରିଛନ୍ତି।ସୁଦର୍ଶନ ଏପର୍ଯ୍ୟନ୍ତ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ।ଅ।ଉ ରହିଛନ୍ତି ଦମ୍‌ଦାର୍ ଫର୍ମରେ ସେ ବର୍ତ୍ତମାନ ଅରେଞ୍ଜ କ୍ୟାପ୍ ଲିଷ୍ଟର ତୃତୀୟ ସ୍ଥାନରେ ରହିଛନ୍ତି।

ଏହାପଛକୁ ରହିଛନ୍ତି ଶ୍ରେୟସ ଅ।ୟର। ସେ ପଞ୍ଜାବ କିଙ୍ଗ୍ସ ଟିମ୍‌ର ଅଂଶ ଶ୍ରେୟସ ବର୍ତ୍ତମାନ ଅ।ଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସ୍କୋର୍ କରିଥିବା ଭାରତୀୟ ବ୍ୟାଟର। ଏହାବ୍ୟତୀତ ସେ ଅରେଞ୍ଜ କ୍ୟାପ୍ ରେସ୍‌ର ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଅ।ୟର ଏପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିଛନ୍ତି ୨ଟି ମ୍ୟାଚ୍ ଅ।ଉ କରିଛନ୍ତି ୧୪୯ ରନ୍। ଉଭୟ ମ୍ୟାଚରେ ଶ୍ରେୟର ଅପରାଜିତ ରହିଥିଲେ । ପୂର୍ବରୁ ଚମ୍ପିଅନ୍ସ ଟ୍ରଫିରେ ଅ।ୟର ଭାରତର ସର୍ବାଧିକ ସ୍କୋରର ଥିଲେ। ଯେଉଁଠାରେ ସେ ୨୪୩ ରନ କରିଥିଲେ ସେ ଅ।ଇପିଏଲରେ ମଧ୍ୟ ତାଙ୍କର ଉତ୍କୃଷ୍ଟ ଫର୍ମ ବଜାୟ ରଖିଛନ୍ତି ।

ଲିଷ୍ଟର ତୃତୀୟରେ ରହିଛନ୍ତି ଋତୁରାଜ ଗାଏକ୍ୱାଡ୍ । ସେ ହେଉଛନ୍ତି ସିଏସକେର ଅଧିନାୟକ। ଯଦିଓ ଅ।ଇପିଏଲ୍ ୨୦୨୫ରେ ଭାରତ ପାଇଁ ତୃତୀୟ ସର୍ବାଧିକ ରନ ସ୍କୋରର ହେଉଛନ୍ତି। ଅନିକେତ ବର୍ମା କିନ୍ତୁ ଫର୍ମ ଏବଂ ସ୍ଥିରତା ଅ।ଧାରରେ ଋତୁରାଜ ଗାଏକ୍ୱାଡ୍ ଭଲ ଲୟରେ ଦେଖିବାକୁ ମିଳିଛନ୍ତି ।ଗାୟକାଡ ଏପର୍ଯ୍ୟନ୍ତ ଅ।ଇପିଏଲ୍ ୨୦୨୫ରେ ୩ଟି ମ୍ୟାଚ୍ ଖେଳି ୧୧୬ ରନ କରିଛନ୍ତି।ଯେଉଁଥିରେ ତାଙ୍କ ବ୍ୟାଟରୁ ୨ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି ।ତେବେ ଅପେକ୍ଷା ଫାଇନାଲ୍‌କୁ, କିଏ ହାତେଉଛନ୍ତି ଅରେଞ୍ଜ କ୍ୟାପ୍...

ଲିଙ୍ଗ ପରିବର୍ତ୍ତନ ପରେ ଭାରତରେ ପହଞ୍ଚି ବିୟୁଟି ପାର୍ଲର ଗଲେ ଅନାୟା

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ବଙ୍ଗରଙ୍କ ପୁଅ ତାଙ୍କ ଲିଙ୍ଗ ପରିବର୍ତ୍ତନ କରିଛନ୍ତି। ସଞ୍ଜୟ ବଙ୍ଗରଙ୍କ ପୁଅ ଆରୟନ ବଙ୍ଗର ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଥିବା ଘଟଣା ଏଯାଏଁ ଚର୍ଚ୍ଚାରେ ରହିଛି। ଲିଙ୍ଗ ପରିବର୍ତ୍ତନ ପରେ ଆରୟନ ବଙ୍ଗର ତାଙ୍କ ନାମ ଅନାୟା ବଙ୍ଗର ରଖିଛନ୍ତି।

ଅନାୟା ନିଜେ ତାଙ୍କ ଇନଷ୍ଟାଗ୍ରାମ ଜରିଅ।ରେ ଏହି ଖବର ସମସ୍ତଙ୍କ ସହିତ ସେୟାର କରିଥିଲେ। ସମ୍ପ୍ରତି ଖବର ମିଳିଛି ଅନାୟା ଆଇପିଏଲ ମ୍ୟାଚ ଚାଲିଥିବା ବେଳେ ଭାରତରେ ଅ।ସି ପହଞ୍ଚିଛନ୍ତି।

ଭାରତରେ ପହଞ୍ଚିବା ପରେ ଅନାୟା ସମୟ ବିଳମ୍ବ ନକରି ନିଜର ଲୁକ ପରିବର୍ତ୍ତନ ପାଇଁ ବିୟୁଟି ପାର୍ଲରରେ ପହଞ୍ଚି ଯାଇଥିଲେ। ଏଠାରେ ଲୁକ ପରିବର୍ତ୍ତନ ପରେ ଏକ ଭିଡିଓ ସେୟାର କରି ଅନାୟା କ୍ୟାପସନ ଦେଇ ଲେଖିଛନ୍ତି, ଏବେ ମୋତେ ଅ।ଉ କଣ ଟ୍ରାଏ କରିବାକୁ ହେବ।

ପୂର୍ବତନ ଭାରତୀୟ ଅଲରାଉଣ୍ଡର ସଞ୍ଜୟ ବଙ୍ଗରଙ୍କ ପୁଅ ଆରୟନ ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ହରମୋନ୍ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ଲିଙ୍ଗ ପରିବର୍ତ୍ତନ ସର୍ଜରିକୁ ୧୧ମାସ ବିତି ସାରିଥିବା ବେଳେ 'ହରମୋନ୍ ରିପ୍ଲେସମେଣ୍ଟ ଥେରାପି'ର ପ୍ରଭାବ କିଭଳି ରହିଛି। ତାହା ଅନାୟା ଇନଷ୍ଟାଗ୍ରାମ ଜରିଅ।ରେ ଜଣାଇଥିଲେ।

ଶିବଙ୍କ ଭକ୍ତିରେ ଲୀନ ଲିଟନ ଦାସ

ନୂଅ।ଦିଲ୍ଲୀ,୩।୪: ବାଂଲାଦେଶର ଉଇକେଟକିପର ବ୍ୟାଟସମ୍ୟାନ ଲିଟନ ଦାସ ଲିଟନଙ୍କୁ ତାଙ୍କ ପରିବାର ସହିତ ନେପାଳର ରାଜଧାନୀ କାଠମାଣ୍ଡୁରେ ଦେଖାଯାଇଥିଲା। ଏଠାରେ ସେ ପଶୁପତିନାଥ ମନ୍ଦିର ପରିଦର୍ଶନ କରିଥିଲେ। ଭଗବାନ ଶିବଙ୍କୁ ଦର୍ଶନ କରିବାର ତାଙ୍କର ଫଟୋ ସୋସିଅ।ଲ ମିଡିଅ।ରେ ବହୁତ ଚର୍ଚ୍ଚା ହେଉଛି।

ଲିଟନ ଦାସ ସୋସିଅ।ଲ ମିଡିଅ।ରେ ତାଙ୍କ ପରିବାର ସହିତ ଫଟୋ ଶେୟାର କରିଛନ୍ତି। ଏଥିରେ ସେ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କ ସହିତ ନଜର ଅ।ସିଛନ୍ତି।ଏହି ଫଟୋଗୁଡ଼ିକ ସହିତ ସେ କ୍ୟାପସନରେ ଲେଖିଛନ୍ତି, ମୁଁ ପଶୁପତିନାଥ ମନ୍ଦିର ଦର୍ଶନ କରିବାକୁ ଅ।ସିଛି, ଯେଉଁଠାରେ ମୁଁ ପ୍ରତ୍ୟେକ କୋଣରେ ଭଗବାନ ଶିବଙ୍କ ଉପସ୍ଥିତି ଅନୁଭବ କରିଛି ଓମ ନମଃ ଶିବାୟ।

ଲିଟନ ଦାସ ୨୦୧୯ ମସିହାରେ ଦେବଶ୍ରୀ ବିଶ୍ୱାସ ସଞ୍ଜିତାଙ୍କୁ ବିବାହ କରିଥିଲେ ବହୁତ ବର୍ଷ ଧରି ପରସ୍ପରକୁ ଡେଟ କରିବା ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସମ୍ପର୍କରେ ତାଙ୍କର ଏକ ଝିଅ ମଧ୍ୟ ଅଛି, ଯାହାର ନାମ ସେ ଅନାୟରା ରଖିଛନ୍ତି।

ଲିଟନ ଦାସ ଗତ କିଛି ବର୍ଷ ଧରି ବାଂଲାଦେଶ ପାଇଁ ଜଣେ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ହୋଇଅ।ସିଛନ୍ତି। ସେ ଏପର୍ଯ୍ୟନ୍ତ ୨୩୭ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ କ୍ୟାରିୟରରେ ୭,୩୭୭ ରନ କରିଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ବ୍ୟାଟ ଅନ୍ତର୍ଜାତୀୟ ସ୍ତରରେ ୯ଟି ଶତକ ଏବଂ ୪୦ଟି ଅର୍ଦ୍ଧଶତକ ମାରିଛି। ସେ ଏପର୍ଯ୍ୟନ୍ତ ତାଙ୍କ ୯୪ ମ୍ୟାଚ ବିଶିଷ୍ଟ ଏକଦିବସୀୟ କ୍ୟାରିୟରରେ ୨,୫୬୯ ରନ, ୪୮ ଟେଷ୍ଟ ମ୍ୟାଚରେ ୨,୭୮୮ ରନ ଏବଂ ୯୫ ମ୍ୟାଚ ବିଶିଷ୍ଟ ଟି-୨୦ କ୍ୟାରିୟରରେ ୨,୦୨୦ ରନ କରିଛନ୍ତି। ଜଣେ ଉଇକେଟକିପର ଭାବରେ, ଲିଟନ ଦାସ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୨୨୧ଟି କ୍ୟାଚ ନେଇଛନ୍ତି ଏବଂ ୨୭ ଜଣ ବ୍ୟାଟସମ୍ୟାନଙ୍କୁ ଷ୍ଟମ୍ପିଂ ମଧ୍ୟ କରିଛନ୍ତି।

ପିସିବି ମୁଖ୍ୟ ନକ୍‌ଭୀଙ୍କୁ ଗୁରୁଦାୟିତ୍ୱ

ଦୁବାଇ,୩।୪: ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭୀ ଗୁରୁବାର ଏସିଆନ କ୍ରିକେଟ ପରିଷଦ(ଏସିସି)ର ନୂଅ। ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ମୁଖ୍ୟ ଶାମି ସିଲ୍‌ଭା ଏହି ଦାୟିତ୍ୱରେ ଥିଲେ। ଗୁରୁବାର ଭର୍ଚୁଅ।ଲ ମାଧ୍ୟମରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ନକ୍‌ଭୀ ଅ।ଗାମୀ ଦୁଇ ବର୍ଷ ପାଇଁ ଦାୟିରେ ରହିବେ।

ଏସିସିର ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଅ।ନୁଷ୍ଠାନିକ ଭାବେ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ଠାରୁ ସଭାପତିତ୍ୱ ନେଇଛି। ଏଥିଯୋଗୁ ଏବେଠାରୁ ଏସିଅ। ଭୂଖଣ୍ଡରେ କ୍ରିକେଟର ପ୍ରୋତ୍ସାହନ ଓ ପ୍ରସାରିତ କରିବାରେ ପାକିସ୍ତାନ ନେତୃତ୍ୱ ନେବ। ଆସନ୍ତା ସେପ୍ଟେମ୍ବରରେ ଏସିଅ। କପ୍ ଆୟୋଜନ ନକ୍‌ଭୀଙ୍କ ଲାଗି ସବୁଠୁ ବଡ଼ ପରୀକ୍ଷା ହେବ। ପ୍ରକୃତରେ ଏହି ଇଭେଣ୍ଟର ଅ।ୟୋଜନ ଅଧିକାର ଭାରତକୁ ଦିଆଯାଇଛି। ହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଖରାପ କୂଟନୈତିକ ସମ୍ପର୍କ ଦୁଇ ଦେଶ ପରସ୍ପର ଦେଶକୁ ଟୁର କରିବାରେ ବାଧା ଦେଉଛି ଏଥିଯୋଗୁ ଏସିଆ କପ୍ ଏକ ନ୍ୟୁଟ୍ରାଲ ଭେନ୍ୟୁ ହେବ।

ଗୁଜୁରାଟର ବିଜୟ ଦୁଇ ଦଳକୁ ଲାଭ

ନୂଅ।ଦିଲ୍ଲୀ: ଲଗାତାର ଦୁଇଟି ବିଜୟ ପାଇବା ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଅ।ର୍‌ସିବି) ଗତକାଲି ପ୍ରଥମ ପରାଜୟ ବରଣ କରିଥିଲା ଏହି ଦଳକୁ ଗୁଜରାଟ ଟାଇଟନ୍ସ ିକେଟ୍‌ରେ ହରାଇ ଦେଇଥିଲା ବୁଧବାର ଚଳିତ ଅ।ଇପିଏଲ୍‌ର ଚତୁର୍ଦଶ ମୁକାବିଲାକୁ ଶୋଚନୀୟ ଭାବେ ହାରିବା ପରେ ପଏଣ୍ଟ୍ ତାଲିକାର ପ୍ରଥମରୁ ତୃତୀୟକୁ ଖସିଯାଇଛି ଅ।ର୍‌ସିବି ଅନ୍ୟପକ୍ଷରେ ଗୁଜରାଟ ଟାଇଟନ୍ସ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ସ୍ଥିର ରହିଛି ଅ।ର୍‌ସବ ୧୭୦ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା।

ଗୁଜରାଟ ଏହାକୁ ୧୭.୫ ଓଭରରେ ମାତ୍ର ୨ ୱିକେଟ୍ ହରାଇ ହାସଲ କରି ନେଇଥିଲା ଜୋସ୍ ବଟଲର୍ ସର୍ବାଧିକ ୭୩ଞ୍ଚ ରନ୍ କରିଥିଲେ। ବାସ୍ତବରେ ମ୍ୟାଚ୍ ପୂର୍ବରୁ, ଅ।ରସିବି ପଏଣ୍ଟ ଟେବୁଲର ଶୀର୍ଷରେ ଥିଲା, ପରାଜୟ ପରେ ଏହା ତାର ପ୍ରଥମ ସ୍ଥାନ ହରାଇଛି। ସେ ତୃତୀୟ ସ୍ଥାନକୁ ଖସି ଯାଇଛି ବିଜୟ ସତ୍ତ୍ୱେ, ଗୁଜରାଟ ଟାଇଟାନ୍ସ ଚତୁର୍ଥ ସ୍ଥାନରେ ରହିଛି।

ଏହା ୩ଟି ମ୍ୟାଚ୍ ମଧ୍ୟରେ ଅ।ରସିବିର ପ୍ରଥମ ପରାଜୟ। ଦଳର ନେଟ୍ ରନ୍ ରେଟ୍ +୧.୧୪୯ ଏହା ୩ଟି ମ୍ୟାଚ୍ ମଧ୍ୟରେ ଗୁଜରାଟର ଦ୍ୱିତୀୟ ବିଜୟ, ଏହାର ନେଟ୍ ରନ୍ ରେଟ୍ +୦.୮୦୭ ଅ।ରସିବିର ପରାଜୟରୁ ପଞ୍ଜାବ କଙ୍ଗ୍ସ ଏବଂ ଦଲ୍ଲୀ କ୍ୟାପଟାଲ୍ସ ଲାଭବାନ ହୋଇଛନ୍ତ। ପଞ୍ଜାବ ୨ଟି ମ୍ୟାଚ୍ ରୁ ୨ଟି ବିଜୟ ସହିତ ପ୍ରଥମ ସ୍ଥାନକୁ ଅ।ସିଛି, ଦଳର ନେଟ୍ ରନ୍ ରେଟ୍ +୧.୪୮୫ ଦିଲ୍ଲୀ ମଧ୍ୟ ଏହାର ଦୁଇଟି ମ୍ୟାଚ୍ ଜିତିଛି, ଏହାର ନେଟ୍ ରନ୍ ରେଟ୍ +୧.୩୨୦, ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି।

ମୁମ୍ବାଇ ଇଣ୍ଡିଆନ୍ସ ବସ୍‌ରେ ପାଣ୍ଡ୍ୟାଙ୍କ ପ୍ରେମିକା

ମୁମ୍ବାଇ: ସର୍ବିୟା ଅଭିନେତ୍ରୀ ନତାଶା ଷ୍ଟଙ୍କୋଭିକ୍‌ଙ୍କଠୁ ଅଲଗା ହେବା ପରେ ମୁମ୍ବାଇ ଇଣ୍ଡିଅ।ନ୍ସ ଅଧିନାୟକ ହାର୍ଦିକ ପାଣ୍ଡ୍ୟା ଏବେ ଇଂଲଣ୍ଡର ଭାରତୀୟ ବଂଶୋଦ୍ଭବ ଗାୟିକା ଓ ଟିଭି ଷ୍ଟାର୍ ଯଶ୍ମିନ ।ଲିଅ।ଙ୍କ ସହ ସଂପର୍କ ଯୋଡ଼ିଥିବା ଚର୍ଚ୍ଚା ଜୋର୍ ଧରିଛି ମୁମ୍ବାଇରେ ସୋମବାର କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍ ବିଜୟ ପରେ ମୁମ୍ବାଇ ଇଣ୍ଡିଅ।ନ୍ସର ଦଳୀୟ ବସ୍‌ରେ ଯଶ୍ମିନ ଚଢୁଥିବାର ଦେଖିବାକୁ ମିଳିଥିଲେ ଫଳରେ ଏହି ଚର୍ଚ୍ଚାକୁ ନୂଅ। ଖୋରାକ ଯୋଗାଇଥିଲା ଏହି ମ୍ୟାଚ୍ ବେଳେ ମଧ୍ୟ ଯଶ୍ମିନ୍ ଷ୍ଟାଡିୟମ୍ ଷ୍ଟାଣ୍ଡ୍‌ରେ ରହି ହାର୍ଦିକଙ୍କୁ ଉତ୍ସାହିତ କରିଥିଲେ।



ଏହାପୂର୍ବରୁ ଯଶ୍ମିନ ପ୍ରଥମ ଥର ଦୁବାଇରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ବେଳେ ଦେଖିବାକୁ ମିଳିଥିଲେ। ଷ୍ଟାଡିୟମ୍‌ରେ ଯଶ୍ମିନ ଏକ ଗାରପକା ସାର୍ଟ ସହ ଅ।ଖିରେ ଚଷମା ପିନ୍ଧି ବସିଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହା ପରେ ହାର୍ଦିକଙ୍କ ସହ ତାଙ୍କ ସମ୍ପର୍କ ନେଇ ଚର୍ଚ୍ଚା ବଢ଼ିଥିଲା ଯଶ୍ମିନ ବ୍ରିଟିସ୍ ରିଏଲିଟି ସୋ ଦ ଓନ୍‌ଲି ୧ ଇଜ୍ ଏସେକ୍ସ ଜରିଅ।ରେ ପରିଚିତ ହୋଇଥିଲେ ।୨୦୧୭ର ହିଟ୍ ସଂଗୀତ ବମ୍ ଡିଗ୍‌ରେ ଜ୍ୟାକ୍ ନାଇଟ୍‌ଙ୍କ ସହ ଅଭିନୟ କରି ଭାରତରେ ପରିଚିତ ଚେହେରା ପାଲଟିଯାଇଥିଲେ। ବିଗ୍ ବସ୍ ୧୩ ଫାଇନାଲ୍‌ରେ ପହଞ୍ଚିଥିବା ଅସିମ ରିଅ।ଜ୍‌ଙ୍କ ସହ ସେ ନାଇଟ୍‌ସ ଅ।ଣ୍ଡ୍ ଫାଇଟ୍‌ସ ମ୍ୟୁଜିକ୍ ଅ।ଲବମ୍‌ରେ ଦେଖିବାକୁ ମିଳିଥିଲେ। ।ସୂଚନାଯୋଗ୍ୟ ହାର୍ଦିକ ଓ ନତାଶା ଗତ ବର୍ଷ ଜୁଲାଇ ୨୦ରେ ଅଲଗା ହୋଇଥିଲେ।

ବିଦେଶିନୀଙ୍କ ପ୍ରେମରେ ଧଓ୍ୱନ



ମୁମ୍ବାଇ: ପତ୍ନୀଙ୍କଠାରୁ ଅଲଗା ହେବା ପରେ ଏବେ ପ୍ରେମରେ ପଡ଼ିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧଓ୍ୱନ। ସେ ତାଙ୍କର ନୂତନ ସମ୍ପର୍କକୁ ନିଶ୍ଚିତ କରିଛନ୍ତି। ଚାମ୍ପିଅନ୍ସ ଟ୍ରଫି-୨୦୨୫ ସମୟରେ ଧନଙ୍କୁ ଜଣେ ରହସ୍ୟମୟୀ ମହିଳାଙ୍କ ସହିତ ବସିଥିବାର ଦେଖାଯାଇଥିଲା। ତାପରେ ଦାବି କରାଯାଇଥିଲା ଯେ ମହିଳାଙ୍କ ନାମ ସୋଫି ସାଇନ୍, ଯିଏ ଅ।ୟରଲ୍ୟାଣ୍ଡର ନାଗରିକ। ଏବେ, ଏକ ନୂତନ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ଧଓ୍ୱନଙ୍କୁ ଏକ ସୋରେ ତାଙ୍କ ପ୍ରେମିକାଙ୍କ ବିଷୟରେ ପଚରାଯାଉଛି। ପ